

ପ୍ରଥମ ପ୍ରକାଶ :

ମଇ-୧୯୬୧

ପ୍ରକାଶକ :

ଶ୍ରୀ ହରିହର ପ୍ରସାଦ ପଟ୍ଟନାୟକ

ଉତ୍କଳ ବାଣୀମନ୍ଦିର

ବିଶ୍ୱନାଥ ଲେନ୍, କଟକ-୨

ମୁଦ୍ରାକର :

ଶ୍ରୀ ଅବନୀନ୍ଦ୍ର ନାଥ ଦାଶ

ଶତଦଳ ପ୍ରେସ୍, କଟକ-୧

ମୂଲ୍ୟ :

ଏକଟଙ୍କା ପଚିଶି ନୂଆପଇସା

ଟ ୧.୨୫ ନୂ: ପ:

— ଏକ —

ଶେଷରେ ଚାକିରି କରିବା ଛଡ଼ା ଅନ୍ୟ ଗତ୍ୟନ୍ତର ମୋର ନଥିଲା··· ··· ···।

କଠୋର ପରିଶ୍ରମ ପରେ କେତେ ଖୋସାମତ କରି ପାଇଲି ଖଣ୍ଡିଏ ଚାକିରି, ନିକଟରେ ନୁହେଁ—ଘରପାଖରୁ ଦୁଇଶହ ମାଇଲ ଦୂରରେ। ଗ୍ରେଟ ଷ୍ଟେସନଟିରେ ବୁକିଂ-କ୍ଲର୍କ ହୋଇ ମୁଁ ଆସିଲି। ଦୁଇଟା ଦିନ ଜଣେ ସହକର୍ମୀଙ୍କ ଘରେ କଟାଇ ଅନ୍ୟ ଗୋଟିଏ ଅଲଗା ବସା କରିବାପାଇଁ ଅବସର ସମୟରେ ଖଣ୍ଡିଏ ସାଇକେଲ ବନ୍ଧୁଙ୍କ ପାଖରୁ ମାଗିନେଇ ସମ୍ଭବ ଅସମ୍ଭବ କେତେକ ସ୍ଥାନରେ ଜଣେ ଚଳିବା ଭଳି ଘର ଖଣ୍ଡିଏ ଖୋଜିଲି। ବ୍ୟର୍ଥ ପରିଶ୍ରମ ନୁହେଁ ତ କଣ!

ଯାହାହେଉ, ଭାଗ୍ୟ ସୁପ୍ରସନ୍ନ ଥିଲା ବୋଲି ସ୍ୱୀକାର କରିବାକୁ ହେବ। ନଅଦିନ-ଦିନ ପାଇଲି ଅତି ସାଧାରଣ ଧରଣର ଖଣ୍ଡିଏ ଏକ-ବଖରିଆ ଘର, ଯାହା ମୋ ପକ୍ଷରେ ଯଥେଷ୍ଟ। ସାମାନ୍ୟ ଲୁଗାପଟା କେଇଖଣ୍ଡ ଖଣ୍ଡିଏ ସୁଟ୍‌କେଶରେ ଭର୍ତ୍ତି କରି ସୁଟ୍‌କେସ୍‌ଟିକୁ ଗୋଟିଏ କୋଣକୁ ଠେଲି ଦେଉଥାଏ—

ଶସ୍ତା ଦଉଡ଼ିଆ-ଖଟିଆଟି ଉପରେ ଖଣ୍ଡିଏ ଗାନ୍ଧୀ-ଚଦର ଓ ଗୋଟିଏ ତକିଆ ପକାଇ ବିଛଣାଟିକୁ ବାଗେଇ ନେଇଥାଏ··· ଏତିକି ମୋର ଯଥେଷ୍ଟ ।

ଡ଼ିଉଟିରୁ ଫେରି ଘଣ୍ଟାଏ-ଦେଢ଼ଘଣ୍ଟା ଯାଏ ଟିଣ ଚେୟା ଖଣ୍ଡିକ ବାହାରେ ପକାଇ ବିଶ୍ରାମ ନିଏ ··· ତାପରେ ଦଶ ବାରହାତ ଦୂରରେ ଥିବା ଶସ୍ତା ହୋଟେଲକୁ ଯାଇ ଖିଆପିଆ ସାରି ପତ୍ରିକା କିମ୍ବା ଡିଟେକ୍ଟିଭ ଉପନ୍ୟାସ ନେଇ ବିଛଣାରେ ପଡ଼ି ପଢ଼େ, ପଢ଼ୁ ପଢ଼ୁ ନିଦ ଆସିଯାଏ—କେବେ କେବେ ଘରର ଆଲୁଅ ଟିକୁ ମଧ୍ୟ ଲିଭାଇ ଦେବାକୁ ଭୁଲିଯାଏ ।

ଧରାବନ୍ଧା କାମ ପରି ପ୍ରତିଦିନ ସେମିତି ଘଟଣା ଘଟେ ବାହାରକୁ ବୁଲି ଯାଏନା, କିମ୍ବା ସହକର୍ମୀ ବନ୍ଧୁଙ୍କ ସହିତ ମିଳାମିଶି କରେନା ।

ପଡ଼ୋଶୀ ବୋଲି ବିଶେଷ କେହି ନାହାନ୍ତି, ଯେଉଁମାନେ ଅଛନ୍ତି ସେମାନେ ପ୍ରାୟ ସକାଳୁ ବାହାରି ସନ୍ଧ୍ୟାବେଳେ ଘର ଫେରନ୍ତି । ରାତି ଅଠଟାରୁ ଦଶଟା ପର୍ଯ୍ୟନ୍ତ ରେଡ଼ିଓଗୁଡ଼ିକ କୋଳାହଳ କାନରେ ବାଜେ—ତାପରେ ସବୁ ସ୍ଥିର, ନିସ୍ତବ୍ଧ ହୋଇଯାଏ ।

ସୁତରାଂ ଭଲମନ୍ଦ ଦୁଇ ଗୁଟିପଦ କଥାବାର୍ତ୍ତା ହେବ, କି କାହାରି ଦୁଃଖରେ ସମବେଦନା ପ୍ରକାଶ କରିବ ଏପରି ସୁଯୋ ଆଉ ପାଇଲି କେଉଁଠି ?

ଘର ପାଖକୁ ଲାଗି ମସ୍ତବଡ଼ ଖଣ୍ଡିଏ ପ୍ରାସାଦ । ତୁ ମୋର ସବୁବେଳେ ଖେଳବୁଲେ ସେହି ପ୍ରାସାଦଟି ଉପରେ କାରଣ ଅନେକ ରାତି ପର୍ଯ୍ୟନ୍ତ ଏହି ପ୍ରାସାଦଟିରେ ଆଲୋ ଜଳୁଥାଏ ଓ କୋଳାହଳର ଗୋଟାଏ କ୍ଷୀଣ ଆଭାସ ମଧ୍ୟ ଶୁଭେ

ମହିମମୟ ମନ୍ଦିରରେ । ଘରଟି ବିଶେଷ ଆକର୍ଷଣୀୟ ହେବାର ଆଉ ଗୋଟିଏ କାରଣ ମଧ୍ୟ ଥାଏ, ତାହା ହେଉଛି—ଝରକାଟିକୁ ଖୋଲିଦେଲେ ଉପର ମହଲାର ଉଜ୍ଜ୍ୱଳ ବୈଦ୍ୟୁତିକ ଆଲୋକ କେତେକାଂଶରେ ମୋର ଘରଟି ଭିତରେ ଆସି ପଡ଼େ ··· ଅନ୍ୟ କାରଣଟି ହେଉଛି କେବେକେବେ କ୍ଷୀଣ ଗୋଟିଏ ଝଙ୍କନର ସ୍ୱର ଉପର ମହଲାରୁ ବାୟୁତରଙ୍ଗରେ ଭାସି ଆସି ସ୍ରୋତେ ଏହି ଘରଟି ଭିତରେ ବାଧାପାଇ ମିଳେଇଯାଏ ଆଉ ସମସ୍ତ ଇନ୍ଦ୍ରିୟକୁ ଗୋଟାଏ ଅଜଣା ଶିହରଣରେ ଅର ଜ୍ୱଠ ମେଉ ।

ଦିନ—ଅଧିକର କଥା ନୁହେଁ, ପ୍ରାୟ ପ୍ରତିଦିନ ଏହି ଘଟଣାର ଅବତାରଣା ଘଟେ ବୋଲି କହିଲେ ଚଳେ । ପ୍ରାୟ ମୁହୂର୍ତ୍ତିକ ପାଇଁ ··· ସତର୍କତାରେ ଖଣ୍ଡିଏ ନିଖୁଣ ଛବି ସେଦିନ ଉପର ମହଲାର ଝରକା ଫାଙ୍କରେ ଦେଖା ଦେଇ ସାଙ୍ଗେ ସାଙ୍ଗେ ମିଳାଇଗଲା । କେତେଥର ମୁଁ ଉପରକୁ ଚାହିଁଛି, କେତେବେଳେ କାହାରିକୁ ଦେଖିନାହିଁ । ସେଦିନ ନିଶ୍ଚୟ ଶୁଭକ୍ଷଣରେ ରାତି ପାହିଥିଲା ମୋର ।

ତା'ପରେ ଦୀର୍ଘଦିନ ଚେଷ୍ଟା କରି ସୁଦ୍ଧା ଦିନେହେଲେ ସେହି ଅପରୂପାର ଅପରୂପ ରୂପ ଦେଖିନାହିଁ ···ଶେଷରେ ଏକପ୍ରକାର ଭୁଲି ଯାଇଥିଲି କହିଲେ ଚଳେ ।

ସେଦିନ କେତେ ତାରିଖ କିମ୍ବା କି ବାର ଥିଲା ମୋର ଠିକ୍ ମନେ ନାହିଁ । ଡିଉଟି ସାରି ବୁକ୍‌ଷ୍ଟଲ ପାଖରେ ଛିଡ଼ା ହୋଇ ଖଣ୍ଡିଏ ମାସିକ ପତ୍ରିକା ଉପରେ ଆଖି ବୁଲାଉଛି, ପଛରୁ ଚୂଡ଼ିର ମୃଦୁ ଝଙ୍କାର ଶୁଣି ଆଖି ଦୁଇଟି ଆପେ ଆପେ କାହିଁକି ଫେରି-ଆସିଲା । ମଧୁର କଣ୍ଠରେ ଧ୍ୱନିତ ହେଲା—କୌଣସି ସିନେମା ପତ୍ରିକା ଆସିଛି ··· ? ତା'ପରେ ଶଙ୍ଖ-ଶୁଭ୍ର ଖଣ୍ଡିଏ ମସୃଣ ହାତ

ଧୀରେ ଧୀରେ ଆଗେଇ ଆସିଲ ସମ୍ମୁଖରେ ଥିବା ପଦ କାଗୁଡ଼କ
ଆଡ଼କୁ ।

ବୟସ ବୋଧହୁଏ ଏକୋଇଶ କମ୍ବା ବାଇଶ ଭିତରେ
ମୁହଁଟି ତାରୁଣ୍ୟ ଓ ପ୍ରସନ୍ନତାରେ ପୂର୍ଣ୍ଣ । ଆଡ଼ମ୍ବରହୀନ କ୍ରୋଭ
ରେଖାଟି ସିମନ୍ତରେ ଜଳଜଳ ହୋଇ ଦେଖାଯାଉଥାଏ ।

ଦେଖିବାମାତ୍ରେ ତାର ଆଖି ଦୁଇଟିର ଦୃଷ୍ଟି ମଧ୍ୟ ମୋ'ଉ
ଉପରେ ଆସି ପଡ଼ିଥିଲା—ଏଥକ । କଥାବାର୍ତ୍ତା କରିବାଭଳି
ସମାନ୍ତରାଳ ସ୍ୱୀକୃତ ସେ ପର୍ଯ୍ୟନ୍ତ ସ୍ୱଭାବରେ ଜୁଟି ନଥାଏ
ସେଥିପାଇଁ ଓଢ଼ଣାଟିକୁ ମୁଣ୍ଡ ଉପରକୁ ଟାଣିଆଣି ଟିକଏ ତୁରେଇ
ଛୁଡ଼ି ଦେଲେ ସେ ।

କିଏ ଏହି ନାରୀ ? ମୁହୂର୍ତ୍ତେ ଖଣ୍ଡେ ଭାବିଲି । ମୁହୂର୍ତ୍ତେ
ପରମୁହୂର୍ତ୍ତରେ ମନେପଡ଼ିଲା ସେଦିନର କଥା । ଗବାକ୍ଷର
ଅନ୍ତରାଳରେ ଉପର ମହଲାରୁ ଏହି ଅପରୂପାକୁ ସେଦିନ ଦେଖିଥିଲି
ମୁଁ । ଚମକ୍କିତ ଚପଳାପରି ମୁହୂର୍ତ୍ତେ ମାତ୍ର ଉଦୟ ହୋଇ ସଙ୍ଗେ
ସଙ୍ଗେ ଲୀନ ହୋଇଯାଇଥିଲା ଏହି ବିଦ୍ୟୁତବରଣୀ ନାରୀ । ହଁ
ସେହି—ଏ ସେହି ନାରୀ ।

ବୁକ୍‌ଷ୍ଟଲର ବାହାରକୁ ଆସିଲି ।

ସ୍ୱତଃ । ଗୋଟାଏ ଅର୍ଦ୍ଧଚେତନ ଅବସ୍ଥାରେ ବିତିଗଲା
କେତେଗୁଡ଼ାଏ ବିକ୍ଷିପ୍ତ ଭାବନା ମନଟାକୁ କପରି ମାର
କରିଦେଲା, ଯାହାରକ କୌଣସି ସଙ୍ଗ ନାହିଁ—ଅର୍ଥ ନାହିଁ ।

ଅଫିସରେ କାମ କରୁ କରୁ କେତେଥର ଅନ୍ୟମନ
ହୋଇପଡ଼ୁଛି, ଠିକେଟ କଟିର ହିସାବ-ପତ୍ର ମିଳାଉ ମିଳା
ହିସାବ-କାଗଜକୁ କଟାକଟି କରୁଛି, ତାହା ମନେପଡିଲେ ଆ
ହସ ମାଡ଼େ । ଲଜ୍ଜାର କଥା ନୁହେଁତ କଣ ?

ତା' ଆରଣ୍ଣନ ଚନ୍ତାର ଅବସାନ ଘଟିଲା ।

ତିନିଟା ପଇଁତିରିଶ୍ ମିନିଟ୍‌ରେ ପାସେଞ୍ଜର ଟ୍ରେନ୍ ପ୍ଲାଟଫର୍ମ ଛୁଡ଼ିବା ପରେ ମୋର ଡ୍ୟୁଟି ଶେଷହେଲା । ଅଧଘଣ୍ଟା ଭିତରେ ହିସାବପତ୍ର ବୁଝାଇଦେଇ ବସାକୁ ଫେରିଲି । ମୁହଁ ହାତ ଧୋଇସାରିବା ପରେ କାହିଁକି ଆଜି ସିନେମା ଆଡ଼େ ଯିବାଲାଗି ମନ ହେଲା । ପ୍ରସ୍ତୁତ ହୋଇ ବାହାରକୁ ବାହାରୁଛି, ହଠାତ୍ ଫାଟକଟିକୁ ନଖାଲି ହାତରେ ସୁଦୃଶ୍ୟ ଭ୍ୟାନିଟି ବ୍ୟାଗ୍‌ଟିକୁ ନଚାଉ ନଚାଉ ସେହି ରହସ୍ୟମୟୀ ନାରୀ ଜଣେ ଭଦ୍ରବ୍ୟକ୍ତିଙ୍କ ସହିତ ରାସ୍ତା ଉପରକୁ ଆସୁଥିବା ଦେଖିପାରିଲି ।

ଉପାଯାଚକ ହୋଇ ଆଳାପ କଲି ମୁଁ । କେଜାଣି କାହିଁକି ମୁଁ ଯେତେବେଳେ ସେମାନଙ୍କ ସମ୍ବନ୍ଧରେ ଏତେ ଚିନ୍ତିତ ହୋଇପଡ଼ିଥିଲି ଏହା ଭାବି ଆଜି ମୁଁ ନିଜକୁ କେତେ ଶ୍ରେଷ୍ଠ ବୋଲି ମନେକରୁଛି । ମନୁଷ୍ୟର ଏହା ବୋଧହୁଏ ସହଜାତ ପ୍ରକୃତି । ପ୍ରକୃତିର ତାଡ଼ନାରେ ବହୁଦିନର ପୁଞ୍ଜିଭୂତ ପ୍ରଶ୍ନଗୁଡ଼ିକର ସଦୁତ୍ତର ପାଇବା ଲାଗି ମୁଁ ବୋଧହୁଏ କ୍ଷିପ୍ର ହୋଇଉଠିଥିଲି ସେତେବେଳେ ।

ପରିଚୟ ପର୍ବ ଶେଷ ହେଲା । ସ୍ତ୍ରୀଟିର ନାମ ଜୟନ୍ତୀ । ଆଉ ସେହି ଭଦ୍ରଲୋକଟି ହେଉଛନ୍ତି ଜୟନ୍ତୀର ସ୍ୱାମୀ—ଦିବାକର ସୁବୁଦ୍ଧି । ବାୟୁ ପରିବର୍ତ୍ତନ ଲାଗି କେତୁଦିନ ହେଲା ସେମାନେ ଏଠାକୁ ଆସିଛନ୍ତି ।

ତେବେ ଜୟନ୍ତୀର ରୂପ ଓ ବୟସ ଅନୁପାତରେ ଦିବାକର ସୁବୁଦ୍ଧି ଯେ ସ୍ୱାମୀ ବୋଲି ପରିଚୟ ଦେବାକୁ ଲଜ୍ଜାବୋଧ କରିବେ ଏହା ମୁଁ ଦେଖିବାମାତ୍ରେ ବୁଝିପାରିଥିଲି ।

ଛୁଟ୍‌ଣେ ଓ ଯଥେଷ୍ଟ ଲମ୍ବା ଆକୃତି ସୁବୁଦ୍ଧଙ୍କର । ବେଶ-ଭୂଷାରେ ଐଶ୍ୱର୍ଯ୍ୟର ପରିଚୟ ମିଳିଲେ ସୁଦ୍ଧା ଚେହେରାର ଅନ୍ତଃସାରଶୂନ୍ୟତା ହେତୁ ଅସାମଞ୍ଜସ୍ୟତା ପରିଲକ୍ଷିତ ହୁଏ । ବୟସ ତ୍ରିଶରୁ କମ୍ ବୋଲି କେହି ଅନୁମାନ କରିପାରିବେ ନାହିଁ ।

ସମୟ ହୋଇଯାଇଥିଲା, ତେଣୁ ସିନେମା ଦେଖାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ଏଇଠି ।

ଏହି ଆଳାପର ମାଧ୍ୟମରେ ଅନ୍ତରଙ୍ଗତା ଜମି ଉଠିଲା । ଏଣିକି ପ୍ରାୟ ପ୍ରତିଦିନ ସନ୍ଧ୍ୟାବେଳେ ମୁଁ ତାଙ୍କର ବୈଠକଖାନାରେ ବସି ଗଳ୍ପ କରିବାକୁ ଲାଗିଲି । ସେମାନେ ମଧ୍ୟ କେବେ କେବେ ମୋ ବସାକୁ ଆସନ୍ତି । ସେମାନେ ଆସିଲେ କିନ୍ତୁ ମୁଁ ବଡ଼ ଅସ୍ୱସ୍ତି ବୋଧ କରେ । ଘରର ଅବସ୍ଥା ଯାହା, କୌଣସି ଭଦ୍ରବ୍ୟକ୍ତି କିମ୍ବା ଭଦ୍ରମହିଳାଙ୍କୁ କି ସମ୍ମାନ କରାଯାଇପାରେ । ନିଜର ବିବେକ ନିଜକୁ ଦଂଶନ କରୁଥାଏ ସେପରି ।

ନିବିଡ଼ ମିଳାମିଶା ଭିତରେ ମୁଁ ଏତିକି ବୁଝିପାରିଲି ଯେ, ସେମାନେ ଆଦର୍ଶ ସ୍ୱାମୀ-ସ୍ତ୍ରୀ । ଯଥେଷ୍ଟ ସହୃଦୟତା ଜମି ଉଠିଥାଏ ସେମାନଙ୍କ ସାଙ୍ଗରେ । କିପରି ଗୋଟାଏ ମାୟା ମଧ୍ୟ ବଢ଼ିଯାଇଥାଏ ଏହି ପରିବାରଟି ଉପରେ ।

ଦିନକର ଘଟଣା, ବାହାରେ ଟିକିଏ ବୁଲିବୁଲି କରି ସନ୍ଧ୍ୟା ଗଡ଼ିଯିବା ପରେ ବସାକୁ ଆସି ଦ୍ୱାର ଖୋଲିବାପାଇଁ ଚେଷ୍ଟା କରୁଛି, ସେହି ଘରଟିଆଡ଼ୁ ନାରୀକଣ୍ଠର ମୃଦୁକ୍ରନ୍ଦନ ଧ୍ୱନି କାନରେ ଆସି ବାଜିଲା । ଚମକି ଛିଡ଼ା ହୋଇଗଲି ମୁଁ ।

ଭାବିଲି ଦିବାକର ବାବୁଙ୍କର କୌଣସି ଭୃତ୍ୟା ବୋଧହୁଏ କାନ୍ଦୁଛି । କ୍ରନ୍ଦନ ଧ୍ୱନି କ୍ରମେ ଉଚ୍ଚତର ହେବାରୁ କୌତୁହଳ

ହୋଇ ଘଟଣାଟିକୁ ଜାଣିବାପାଇଁ ଭଲଭାବେ କାନ ଡେରିଲି । ଦୁଆର ପାଖରୁ ଫେରିଆସି ଦିବାକର ବାବୁଙ୍କର ବୈଠକଖାନାକୁ ଆସି ଡାକିଲି ସୁବୁଦ୍ଧିବାବୁଙ୍କୁ ।

ମୋର ଡାକଟି ବୋଧହୁଏ ନିସ୍ତବ୍ଧ ପରିବେଶ ଭିତରେ ପରିଷ୍କାରଭାବେ ଧ୍ୱନିତ ହୋଇଥିଲା । ମୁହୂର୍ତ୍ତକ ପରେ ପାଖ କୋଠରୀର ଝରକାର କବାଟଟି ଖୋଲିଗଲା ଓ ଝରକାର ଆରପାଖରୁ ସୁବୁଦ୍ଧି ବାବୁଙ୍କର ପୂର୍ଣ୍ଣ ମୁଖମଣ୍ଡଳଟିକୁ ମୁଁ ସ୍ପଷ୍ଟ ଦେଖିପାରିଲି ଏଥର ।

— ଖବର କଣ, ଦିବାକରବାବୁ ! ··· ମୁଁ ପଚାରିଲି ।

— ଜୟନ୍ତୀ ବିଛଣାରେ ଶୋଇ କାନ୍ଦୁଛି···ଧୀର କଣ୍ଠରେ କହିଲେ ଦିବାକରବାବୁ ।

—କାହିଁକି ?

—ଜାଣିଲେ ତ କହନ୍ତି ··· ଗଳାରେ ରୁଦ୍ଧତାର ଆଭାସ ଫୁଟିଉଠିଲା ତାଙ୍କର । ତାପରେ କହିଲେ—କାହିଁକି ସେ କାନ୍ଦୁଛି ବୋଲି କେତେଥର ପଚାରିଲିଣି, ଜୟନ୍ତୀ ପଦେହେଲେ ମୋ କଥାରେ କାନ ଦେଉନାହିଁ । କେଡ଼େ ମୁସ୍କିଲ୍ କଥା କୁହନ୍ତୁ ! ଆଜଯାଏ ତାହାକୁ କେବେ କାନ୍ଦିବାର ଦେଖିନାହିଁ, ତାର କାନ୍ଦଣା ନହେଲେ କିଏବା ଆଶ୍ଚର୍ଯ୍ୟ ନହେବ ! ଆସନ୍ତୁ ପ୍ରିୟନାଥବାବୁ, ଭିତରକୁ ଆସନ୍ତୁ !

ଘର ଭିତରକୁ ଯିବାକୁ ପଡ଼ିଲା ।

ଦିବାକରବାବୁ କହିଲେ—ଶୁଣନ୍ତୁ ପ୍ରିୟନାଥବାବୁ, ଜୟନ୍ତୀ ସମ୍ପୂର୍ଣ୍ଣ ସୁସ୍ଥ । କୌଣସି ରୋଗ ସେ ଭୋଗୁନାହିଁ ଏହା ମୁଁ ଭଲ କରି ଜାଣେ···ଆମେ ଉଭୟେ ଦାସ କ୍ଲିନିକରେ ଗତ ସପ୍ତାହରେ ପରୀକ୍ଷା କରିଛୁ । ଦାସକ୍ଲିନିକ୍ ନିଜର ଡାକ୍ତର ବିନୋଦ ଦାସଙ୍କ ସନ୍ଧୁଖ

ସପ୍ତାହେ ହେଲା ଯଥେଷ୍ଟ ବନ୍ଧୁତ୍ୱ ହୋଇଯାଇଛି । ଶରୀର ସମ୍ବନ୍ଧରେ କୌଣସି ଗୋଳମାଳ ହେଲେ ତାହା ନିଶ୍ଚୟ ସେ ମୋତେ କହିଥାନ୍ତେ ।

—ନିଶ୍ଚୟ କହିବା ଉଚିତ … ତାଙ୍କ କଥାକୁ ସମର୍ଥନ କଲି ।

ଦିବାକରବାବୁ ଅସହାୟ ଦୃଷ୍ଟିରେ ଚାହିଁଲେ ମୋତେ । ସେ ଦୃଷ୍ଟିର ଅର୍ଥ ମୁଁ ବୁଝିପାରିଲି ନାହିଁ । ଉଭୟେ ନୀରବ ।

କେତେଟା ସ୍ତବ୍ଧ ମୁହୂର୍ତ୍ତ ଅତିବାହିତ ହେବା ପରେ ସେ ପୁନର୍ବାର କହିଲେ—କିନ୍ତୁ ପ୍ରିୟନାଥବାବୁ, ଜୟନ୍ତୀର ଯଦି କିଛି ଏହା ଭିତରେ ଭଲମନ୍ଦ ହୋଇଯାଏ ତାହା ହେଲେ ମୁଁ ନିଶ୍ଚୟ ଆତ୍ମଘାତୀ ହେବି … …

ଏକଥା ଶୁଣି ମୁଁ ଚମକି ପଡ଼ିଲି । ଏସବୁ କି କଥା ଶୁଣାଉଛନ୍ତି ଦିବାକରବାବୁ ! ପ୍ରକୃତରେ ସେ କଣ ସ୍ତ୍ରୈଣ ? ନା, ଆଉ କିଛି ଏହା ଭିତରେ ଅଛି ? କୌଣସି ପ୍ରକାରେ ନିଜକୁ ସମ୍ଭାଳି ନେଇ ସ୍ୱାଭାବିକ କଣ୍ଠରେ କହିଲି—ଆପଣଙ୍କର ସ୍ତ୍ରୀ କୌଣସି ଦୁଃସମ୍ବାଦ ପାଇନାହାନ୍ତି ତ’ ? ପରିବାରର ଦୁଃସମ୍ବାଦ କିମ୍ବା ସେହିପରି ଆଉ କିଛି …

ମୋ କଥା ଶେଷ ହେବା ଆଗରୁ ସୁବୁଦ୍ଧିବାବୁ କହିଲେ —ମୁଁ କେବଳ ତାର ଏକମାତ୍ର ଆତ୍ମୀୟ—ସଂସାରରେ ମୋ’ ଛଡ଼ା ତାର ଆଉ କେହିନାହିଁ ପ୍ରିୟନାଥ ବାବୁ ! ଏବଂ ଏହି କାରଣରୁ ଦୁଃଶ୍ଚିନ୍ତା ମୋର ଘନେଇ ଆସୁଛି ।

—ତେବେ ନିଶ୍ଚୟ ଶାରୀରିକ ଅସୁସ୍ଥତା ଛଡ଼ା ଆଉ କିଛି ନୁହେଁ । ଆପଣ ଡାକ୍ତରଙ୍କ ସହିତ ଶୀଘ୍ର ପରାମର୍ଶ କରନ୍ତୁ ।

—ସେଇୟା କରିବ...... ଦୀର୍ଘନିଃଶ୍ୱାସ ଛାଡ଼ିଲେ ଦିବାକରବାବୁ ।

ଫୋନ୍‌ରେ ସମ୍ବାଦ ପାଇ ଡାକ୍ତର ଦାସ ଆସି ପହଞ୍ଚିଲେ । ଜୟନ୍ତୀର କାନ୍ଦଣା ସେତେବେଳକୁ ବନ୍ଦ ହୋଇଯାଇଥାଏ ।

ପତଳା ଲମ୍ବ ଓ ମଜବୁତ୍ ଚେହେରା ଡାକ୍ତର ଦାସଙ୍କର ବେଶଭୂଷାରେ ସ୍ୱଚ୍ଛନ୍ଦ୍ୟତାର ତୃପ୍ତି—ବୟସ ତରୁଣ ଭିତରେ ।

ଦିବାକରବାବୁ ଡାକ୍ତର ଦାସଙ୍କ ସହିତ ପରିଚୟ କରାଇଦେଲେ । ବିନୋଦ ଦାସଙ୍କର ବ୍ୟବହାରରେ ମୁଁ ମଧ୍ୟ ନିଜକୁ ଭାଗ୍ୟବାନ ମନେ କଲି ।

ଦିବାକରବାବୁ ଓ ମୁଁ ବୈଠକଖାନାରେ ବସିରହିଲୁ, ବିନୋଦବାବୁ ଜୟନ୍ତୀଦେବୀଙ୍କୁ ପରୀକ୍ଷା କରିବା ପାଇଁ ଭିତରକୁ ଗଲେ ।

ଆମେ ଦୁହେଁ ନୀରବରେ ବସିବା ଛଡ଼ା ଆଉ କଣ ବା କରିପାରୁ ? ଅଗତ୍ୟା ଟେବୁଲଟି ଉପରେ ନଖର ଗାର ଟାଣିବା ଛଡ଼ା ଆଉ କି ଉପାୟ ଅଛି ?

ବଡ଼ ଅସ୍ୱସ୍ତି ଅନୁଭବ କରୁଥାଏ । ମୁହଁ ବନ୍ଦ କରି ବସିବା ଯେ କେତେ କଷ୍ଟ ସେଦିନ ମୁଁ ପ୍ରକୃତରେ ଅନୁଭବ କଲି ।

ଉଦ୍ଧାର କଲେ ଦିବାକର ବାବୁ । କହିଲେ— ବିନୋଦ ବାବୁଙ୍କୁ ଦେଖି ଆପଣଙ୍କର କଣ ମନେହେଲା ?

—ବେଶ୍ ଭଦ୍ରଲୋକ ବୋଲି ମନେହେଉ଼ି······କହିଲି ମୁଁ
—ଭଲ ଡାକ୍ତର ବୋଲି ସେ ସୁନାମ ଅର୍ଜନ କରିଛନ୍ତି ।
—ଜାଣେ ।

ନିଃଶବ୍ଦ ସହ ହସିଲେ ଦିବାକର ବାବୁ । କହିଲେ—ରୋଗୀମାନଙ୍କ ଯୋଗୁଁ ସମସ୍ତେ ଆଦୌ ପାଆନ୍ତି ନାହିଁ ବୋଲି ସେ ଏପର୍ଯ୍ୟନ୍ତ ବିବାହ କରି ନାହାନ୍ତି ବୋଲି ଶୁଣିଛି ।

ଦିବାକର ବାବୁଙ୍କର କଥା କହିବା ଭଙ୍ଗୀ ଦେଖି ମୁଁ ମଧ୍ୟ ନ ହସି ରହି ପାରିଲି ନାହିଁ ।

ପୁଣି ନୀରବତା ନଇଁ ଆସିଲା···କାହାରି ଯେପରି ଆଉ କିଛି ପଚାରିବାର ନାହିଁ ।

ଦୀର୍ଘ ନୀରବତା ପରେ ଘଣ୍ଟା ଯୋଡାର ମେଟାଲିକ୍ ଶବ୍ଦ ଶୁଣି ଦିବାକରବାବୁ ଚୌକି ଛାଡ଼ି ଉଠି ଠିଆହେଲେ, ଟିକିଏ ପରେ ଡାକ୍ତର ବିନୋଦ ଦାସ ହାତରେ ମେଡ଼ିକେଲ୍-ବ୍ୟାଗଟିକୁ ଧରି ଯେତେବେଳେ ବୈଠକଖାନା ଭିତରକୁ ଆସିଲେ, ଆଗ ହୋଇ ଦିବାକର ବାବୁ ପଚାରିଲେ—କଣ ଦେଖିଲେ, ଡାକ୍ତର ଦାସ ! କିପରି ଭଲ ଅଛନ୍ତି ?

—ବର୍ତ୍ତମାନ ଟିକିଏ ନିଦ ଲାଗି ଆସିଛି···ମୁଁ ତାଙ୍କୁ "ହାଇପୋ" ଦେଇ ଆସିଛି······

—ଆପଣ ତା ସାଙ୍ଗରେ କଥାବାର୍ତ୍ତା କରିଛନ୍ତି ?··· ଉତ୍ତେଜିତ କଣ୍ଠରେ ପଚାରିଲେ ଦିବାକର ବାବୁ···ତାହାଙ୍କ ସେ କାହିଁ ଥିଲି ବୋଲି ଆପଣଙ୍କୁ କହିଛନ୍ତି ?

ଶାନ୍ତ କଣ୍ଠରେ କହିଲେ ଡାକ୍ତର ଦାସ—ବର୍ତ୍ତମାନ ଯେପରି ଅବସ୍ଥା, ତାଙ୍କ ପାଖରୁ ଉତ୍ତର ଆଶା କରିବା କଥା ନୁହେଁ । ତେଣୁ ମୁଁ କୌଣସି ପ୍ରଶ୍ନ କରିନାହିଁ···

—ତାଙ୍କ ଶରୀରରେ କିଛି ଅସୁସ୍ଥତା ଅଛି କି ?

—ଶରୀର ସୁସ୍ଥ, ଏତିକି ମୁଁ କହିପାରେ ।

—ତେବେ···କଥାଟିକୁ ସମ୍ପୂର୍ଣ୍ଣ କରି ପାରିଲେ ନାହିଁ ଦିବାକରବାବୁ ।

—ସକାଳେ ସ୍ୱାଭାବିକ ଅବସ୍ଥାକୁ ଫେରି ନ ଆସିଥାନ୍ତି, ତାହାହେଲେ ତାଙ୍କୁ ସାଙ୍ଗରେ ନେଇ କ୍ଲିନିକ ଯିବେ । କାଲି ସକାଳେ ଆପଣ ୭ ଏକ୍‌ଏରେ ପଠେଇ ପାଇଁ କ୍ଲିନିକକୁ ଯିବେ ?

ମୁଣ୍ଡ ହଲାଇ ସ୍ୱୀକାର କଲେ ଦିବାକର ବାବୁ ।

···ଆଉ ଗୋଟିଏ କଥା, ମୁଁ ଯାହା ପରାମର୍ଶ ଦେଇଥିଲି ନିଶ୍ଚୟ ମନେ ରଖିଛନ୍ତି ବୋଧହୁଏ ?

—ମୁଁ ଠିକ ବୁଝି ପାରିଲି ନାହିଁ,···କେତେକପରି ଡାକ୍ତରଙ୍କ ଆଡ଼େ ଚାହିଁଲେ ଦିବାକର ବାବୁ ।

—ଆପଣଙ୍କର ସ୍ୱୀକୃତ ଆଗରୁ ଶୁଣାଇ ଦେଇଛି, ସୁବୁଦ୍ଧି-ବାବୁ ! ଆପଣ କଣ କିଛି ଜାଣନ୍ତି ନାହିଁ ?

—ବୋଧହୁଏ ଜୟନ୍ତୀ ମୋତେ କହିବାକୁ ଭୁଲିଯାଇଛି···

—ତା'ହେଲେ ଶୁଣନ୍ତୁ···ଡାକ୍ତର ବିନୋଦ ଦାସ ସୁବୁଦ୍ଧି ବାବୁଙ୍କ ଉପରେ ମୂର୍ତ୍ତି ଦୃଷ୍ଟି ନିକ୍ଷେପ କରି କହିଲେ—ଆଜି ରାତିରେ ଖିଆପିଆ ଶେଷ କରି ଆପଣ ଆଉ ସେ ସୋଡ଼ିୟମ୍ ପେଣ୍ଟୋ ଖାଇବେ ବୋଲି ଶ୍ରୀମତୀ ସୁବୁଦ୍ଧିଙ୍କୁ କହିଥିଲି । ଆଉ ଜରୁରି ଆପଣ ବୋଧ କରୁଛନ୍ତି, ସକାଳେ ଯାଇ କହିଥାନ୍ତେ··· କିଏ ରହି ପୁନର୍ବାର କହିଲେ—ଆପଣ ବୋଧହୁଏ ଖାଇ ସାରିଲେଣି ସୁବୁଦ୍ଧିବାବୁ ?—

ମୌନ-ସମ୍ମତି ଜଣାଇଲେ ଦିବାକର ବାବୁ ।

ଡାକ୍ତର ଦାସ ବିଦାୟ ନେଇ ବାହାରିଗଲେ, ମୁଁ ମଧ୍ୟ ସଙ୍ଗେ ସଙ୍ଗେ ବାହାରିଲି ବସାକୁ ।

ଦିନ କେଇଟା ପରେ । ଏହା ଭିତରେ କେତେଟା ଦିନ ଜ୍ୱରରେ ମୁଁ ପଡ଼ିଥିଲି । ଦିନେ ସ୍ୱାମୀ ସ୍ତ୍ରୀ ଉଭୟେ ମୋତେ ଦେଖିବାକୁ ଆସିଥିଲେ, ସେତେବେଳେ ମୁଁ ସେତେ ଭଲଭାବେ ସେମାନଙ୍କ ସହିତ କଥାବାର୍ତ୍ତା କରିପାରି ନାହିଁ ବୋଲି ସେମାନେ ମନେ ମନେ ଅସନ୍ତୁଷ୍ଟ ହୋଇଥିବେ । ବୋଧହୁଏ ସେହି କାରଣରୁ କେବେ ହେଲେ ମୋ ସାଙ୍ଗରେ ଆଉ ଦେଖା କରିବାକୁ ଆସି ନାହାନ୍ତି । କଲ୍ୟାଣୀର କାନ୍ଦଣା ଆଉ ଶୁଣାଯାଏ ନା । କାହିଁକି ଯେ ସେଦିନ ସେ କାନ୍ଦୁଥିଲା—ଏହି କାରଣଟିକୁ ଖୋଜି ବାହାର କରିବା ପାଇଁ ଅବଶ୍ୟ କୌତୁହଳ ଥିବା ସତ୍ତ୍ୱେ ଆଜିଯାଏ ଏହି ରହସ୍ୟର ମର୍ମ ଉଦ୍ଘାଟନ କରିବା ମୋ ପକ୍ଷରେ ସମ୍ଭବ ହୋଇନାହିଁ ।

ଜ୍ୱର ଛାଡ଼ିବା ପରେ ଦୁର୍ବଳତା ହେତୁ ସକାଳେ ସନ୍ଧ୍ୟା ପ୍ରାୟ ସବୁବେଳେ କମ୍ବଳରେ ଦେହ ହାତ ଘୋଡ଼ାଇ ଦୁଆର ମୁହଁରେ କାନ୍ଭାସର ଚେୟାରଟିରେ ବସିଥାଏ । ବେଳେ ବେଳେ କଲ୍ୟାଣୀ ଓ ଦିବାକର ବାବୁଙ୍କର ହାସ୍ୟୋଜ୍ଜ୍ୱଳ ମୁହଁ ଦୁଇଟି ଦେଖିପାରେ —ହାତ ଧରାଧରି ହୋଇ ଦୁହେଁ ବାହାରକୁ ବୁଲିବାକୁ ଯାଆନ୍ତି ଓ ହାତ ଧରାଧରି ହୋଇ ଘରକୁ ଫେରନ୍ତି । ଏହା ଦେଖି ମୋର

ହାପ୍ସ ଅନ୍ତର ଭିତରୁ ନିଜର ଅଜାଣତରେ ଗୋଟାଏ ପ୍ରକାଣ୍ଡ
ନିଃଶ୍ୱାସ ବାହାରି ଆସେ ।

ବୈବାତ୍ ଗୋଟିଏ ଔଷଧ ଦୋକାନରେ ଜୟନ୍ତୀ ସହିତ
ାର ଦେଖା ହୋଇଗଲା । ଜରରୁ ଉଠିବା ପରେ ଏହା
ୂମାନଙ୍କର ପ୍ରଥମ ସାକ୍ଷାତ ।

ପ୍ରେସ୍କ୍ରିପ୍‌ସନ୍ କାଉଣ୍ଟର ପାଖରେ ଜୟନ୍ତୀ ଛିଡ଼ା
ାଇଥିଲା । ମୋତେ ଦେଖିବା ମାତ୍ରେ ମୁହଁଟି ତାର ଶୁଖି ଏତେ
ଏ ହୋଇଗଲା ଯେପରି । ମୁଁ ଠିକ୍ ଲକ୍ଷ୍ୟ କରିଥିଲି ତାର ଏହି
ିବର୍ତ୍ତନ । ସାମାନ୍ୟ ଗୋଟିଏ ଢୋକ ଗିଳି ସେ ପ୍ରଶ୍ନ କଲେ—
ଭଲ ଅଛନ୍ତି ପ୍ରିୟନାଥ ବାବୁ ?

—ହଁ ଭଲ ଅଛି···ଛୋଟ ଉତ୍ତରଟିଏ ଦେଇ ପଛକୁ ଚାହିଁ
ାଖେତ ଅପେକ୍ଷାକୃତ ଟିକିଏ ଅନ୍ଧାରିଆ ସ୍ଥାନରେ ଛିଡ଼ା
ାଇଛନ୍ତି ଦିବାକର ବାବୁ ।

—ମୁଁ ତେବେ ଆସୁଛି । ଆପଣ ଆମ ଘର ଆଡ଼େ ଆସିବାକୁ
ଷ୍ଟା କରିବେ —ରାତରେ ଆମ ଘରେ ଖାଇବେ, ନିମନ୍ତ୍ରଣ କଲି ।
ଯାଏଁ, ବାହାରେ ସେ ଅପେକ୍ଷା କରିଛନ୍ତି···ଏତକ କହି
ନ୍ତୀ ତରତର ହୋଇ କାଉଣ୍ଟର ପାଖରୁ ବାହାରକୁ ବାହାରି
ଲେ ।

ଦିବାକର ବାବୁଙ୍କ ସହିତ ଜୟନ୍ତୀକୁ ଯିବାର ଦେଖିଲି
ନିହାତି ଅପରିଚିତା ପରି ଜୟନ୍ତୀ ତାଙ୍କର ପାଖ ହୋଇ
ଗଲା । ଆଶ୍ଚର୍ଯ୍ୟ ହେଲି । ସୁବୁଦ୍ଧି ବାବୁ ମଧ୍ୟ ଜୟନ୍ତୀକୁ ଡାକିଲେ
ଗୁଡ଼, ମୋର ଷେଥିରେ ଯାଏ ଆସେ କେତେ ? ଏନାସିନ୍
ାବ୍ଲେଟରୁ ଗୋଟିଏ ପ୍ୟାକେଟ କିଣି ମୁଁ ବାହାରକୁ ଆସିବି

ମାତେ ବିକାଶର ବାବୁ ମୋର ହାତଟିକୁ ଧରି ପଚାରି କହିଲେ
—ଆସନ୍ତୁ, ପ୍ରିୟନାଥ ବାବୁ !

ମୁହଁଟି ତାଙ୍କର ଶୁଖି ଯାଇଛି ବୋଲି ମନେହେଲା । ଶରୀର ମଧ୍ୟ ଦୁର୍ବଳ ଦେଖା ଯାଉଥାଏ । ଗାଲ ଓ କପାଳ ଉପରେ କେତୋଟି ଚିନ୍ତାର ରେଖା ମଧ୍ୟ ପଡ଼ିଥାଏ ।

—ଅସମୟରେ ଆପଣଙ୍କ ସାଙ୍ଗରେ ଦେଖା ହେବ ବୋଲି ଆଶା କରି ନଥିଲି, ବିକାଶରବାବୁ···କହିଲି ମୁଁ ।

—ଆଶା କରି ନଥିଲେ ?···ଶୁଷ୍କ ହସ ହସିଲେ ବିକାଶର-ବାବୁ । ହସର ଅର୍ଥ ବୁଝିବାଭଳି ଅବସ୍ଥା ମୋର ସେତେବେଳେ ନଥିଲା । ସେହି ହସ ଯେପରି ବକ୍ତାକୁ ପରିହାସ କରୁଛି ବୋଲି ମୋର ମନେହେଲା ।

—ଇଆଡ଼େ କାହିଁକି ଆସିଥିଲେ ?···ପ୍ରଶ୍ନ କଲି ତାଙ୍କୁ ।

—ଆପଣଙ୍କ ସାଙ୍ଗରେ ଦେଖା କରିବାକୁ ଆସିଥିଲି··· ନିସ୍ତେଜ କଣ୍ଠରେ କହିଲେ ସେ ।···ଘର ପାଖରୁ ଆପଣଙ୍କୁ ଅନୁସରଣ କରୁଛି । କାହିଁକି ସବୁ ଏଣିକି ବଡ଼ପର ମନେହେଉଛି, ତେବେ, ଆପଣଙ୍କ ପରି ବନ୍ଧୁ ପାଇ ମୁଁ ନିଜକୁ ଗର୍ବ ଅନୁଭବ କରୁଛି, ଏକଥା ଠିକ୍ ।

—କାହିଁକି ଏପରି କଥା କହୁଛନ୍ତି, ସୁବୁଦ୍ଧିବାବୁ !

—ଶୁଣନ୍ତୁ, ପ୍ରିୟନାଥ ବାବୁ ! ମୁଁ ଏ ସହର ଛାଡ଼ି ଚାଲିଯାଉଛି···କହୁଛି ତୁମକୁ ।

—କେବେ ?

—ଆଜି ।

—ଯିବା ଆଗରୁ ଥରୁଟିଏ ଦେଖାକରି ଯିବେ, ବିକାଶରବାବୁ ଯାଇ କହିନ୍ତି, ଷ୍ଟେସନକୁ ଆସି ମୁଁ ଗାଡ଼ିରେ ଉଠାଇ ଦେଇପାରେ

ନା-ନା, ତାଙ୍କୁ ଏତେ କଷ୍ଟ କରବେ । ପ୍ରିୟଜନ ପାଖରୁ ବିଦାୟ ନେବା ଯେ କେତେ ମର୍ମନ୍ତୁଦ ଦୃଶ୍ୟ, ତାହା ମୁଁ ଭଲ କରି ଜାଣେ । ସେଥିପାଇଁ ମୁଁ ଆପଣଙ୍କଠାରୁ ବିଦାୟନେବା ପାଇଁ ବର୍ତ୍ତମାନ ଆସିଛି ।

ଧୀରେ ଧୀରେ ଆଗକୁ ଗୋଡ଼ ପକାଇ ପକାଇ ପଚାରିଲି —କେଉଁଆଡ଼େ ଯିବେବୋଲି ଠିକ୍ କରିଛନ୍ତି ?

ପକେଟରୁ ରୁମାଲ ବାହାର କରି ମୁହଁ ପୋଛୁ ପୋଛୁ ସୁଧାକର ବାବୁ କହିଲେ—କେଉଁଆଡ଼େ ଯିବି କିଛି ଠିକ୍ କରି ନାହିଁ । ଶେଷରେ ଯେ କିଛି ଘଟିବ ତାହାମଧ୍ୟ ଜାଣେନା ।

—କିନ୍ତୁ ଆପଣଙ୍କର ସ୍ତ୍ରୀ ଆଜି ସଞ୍ଜରେ ଆପଣଙ୍କ ଘରକୁ ଖାଇବାକୁ ଯିବାପାଇଁ ମତେ ବର୍ତ୍ତମାନ ନିମନ୍ତ୍ରଣ କରିଗଲେ ।

—କେଡ଼େ ଆଶ୍ଚର୍ଯ୍ୟ ଖିଆଲ ଦେଖନ୍ତୁତ' ! ମୁଁ ଯିବାପାଇଁ ଜିନିଷପତ୍ର ସଜାଡ଼ିବାରେ ବ୍ୟସ୍ତ ବୋଲି ସେ ନିଜେ ଦେଖୁଛି, ଏଣେ ଆପଣଙ୍କୁ ନିମନ୍ତ୍ରଣ କରିଗଲା । ଛାଡ଼ନ୍ତୁ, ଆପଣ କିଛି ମନେ କରିବେ ନାହିଁ ପ୍ରିୟନାଥବାବୁ ?

କୌତୂହଳୀ ହୋଇ ପ୍ରଶ୍ନ କଲି—ଆପଣ ଯିବା କଥା କଣ ଆପଣଙ୍କର ସ୍ତ୍ରୀଙ୍କୁ ଜଣାଇ ନାହାନ୍ତି ?

ନା ।…ଘରରୁ ବାହାରି ଯାଉଛି ବୋଲି କହି ଭାରି ଆଶ୍ଚର୍ଯ୍ୟ [illegible] ବୋଲି ଭାବୁଛି ।

—ଆଉ ଗୋଟିଏ କଥା, ସୁବୁଦ୍ଧି ବାବୁ ! ଆପଣଙ୍କର ସ୍ତ୍ରୀ [illegible] ତାଙ୍କୁ ବାହାର ଆପଣଙ୍କୁ କିଛି ନପଚାରି ଏକା ଏକା [illegible] କି ? ତାଙ୍କୁ ଆପଣ ବାହାରେ ଅନ୍ଧକାରେ ପଛ [illegible] କଲ ?…ଏତେକ ନପଚାରି ମୁଁ ରହିପାରିଲି ନାହିଁ ।

ଜୟନ୍ତୀ ବାହାରେ ମୋତେ ଅପେକ୍ଷା କରିବାକୁ କହି ଦୋକାନ ଭିତରକୁ ଗଲା । ବାହାରେ ଥାଇ ମୁଁ ଆପଣଙ୍କୁ ଦେଖି ପାରିଥିଲି । ଜୟନ୍ତୀ ଫେରିଆସିବା ପରେ ମୋତେ ଅବଶ୍ୟ ଡାକିଥିଲା, କିନ୍ତୁ ସିବା କଥାଟି କେବଳ ଆପଣଙ୍କୁ ଶୁଣାଇବି ବୋଲି ପରେ ଯାଉଛି ବୋଲି କହି ମୁଁ ରହିଗଲି...କହିଲେ ଦିବାକର-ବାବୁ ।

ଏସବୁ କି ରହସ୍ୟ ବୁଝିପାରେନା, ମୁଣ୍ଡ ମୋର ଗୋଳମାଳ ହୋଇ ଆସିଲା । ରାସ୍ତାରେ ଆଉ କିଛି କଥାବାର୍ତ୍ତା ହୋଇନାହିଁ । ବସା ଦୁଆର ମୁହଁରେ ମୋତେ ଛାଡ଼ିଦେଇ ସେ ତାଙ୍କ ଘରକୁ ଆସିଲେ ।

ଆଶ୍ଚର୍ଯ୍ୟ ! ପ୍ରକୃତରେ ଆଶ୍ଚର୍ଯ୍ୟ ଏହି ଦୁଇଟି—ପୁରୁଷ ଓ ସ୍ତ୍ରୀ । ଦିବାକର ବାବୁଙ୍କର ଉଦ୍ଦେଶ୍ୟ କଣ ? ତାହାଙ୍କୁ ମୋତେ କେମିତି କେମିତି ଜଣାଗଲା । ନୀରବରେ ବସି କିଛି ବେଳଯାଏ ଘଟଣାଟିକୁ ମନେ ମନେ ଆଲୋଚନା କଲି । ଦଶମିନିଟ ଯାଏ ମୁଁ ମୋର ମସ୍ତିଷ୍କରେ ଚିନ୍ତା କରିବାପରେ ହଠାତ୍ ଗୋଟାଏ ବୁଦ୍ଧି ମୋର ମୁଣ୍ଡଭିତରେ ଖେଳିଗଲା । ସାଙ୍ଗେ ସାଙ୍ଗେ ଦୁଆରେ ତାଲା ଦେଇ ବାହାରିକୁ ଆସିଲି । ଛକ ମୁଣ୍ଡରେ ଥିବା ଷ୍ଟେସନାରୀ ଦୋକାନକୁ ଆସି ତାଙ୍କର ଫୋନ୍‌ଟିକୁ ମାଗି ନେଇ ଅଭିଷ୍ଟ ନମ୍ବର ସହିତ ସଂଯୋଗ ସ୍ଥାପନଲାଗି ଅପରେଟରଙ୍କୁ କହିଲି ।

ଅପର ପ୍ରାନ୍ତରରୁ ନାରୀ-କଣ୍ଠରେ ଉଚ୍ଚାରିତ ହେଲା—ଦାସ କ୍ଲିନିକ୍‌ର ଏକ୍‌ସ୍‌ରେ ଡିପାର୍ଟମେଣ୍ଟରୁ କହୁଛି...

ଧୀର କଣ୍ଠରେ କହିଲି—ମୁଁ ଦିବାକର ସୁବୁଦ୍ଧି କହୁଛି ।

—କଣ କହନ୍ତୁ...

—ଜରୁରୀ କାମ ଯୋଗୁଁ ଆଜି ମୋତେ ସହର ଛାଡ଼ିବାକୁ ପଡ଼ୁଛି । ଯଦି ଦୟାକରି ଆପଣଙ୍କର ବଲ୍ କାକା କେତେ ଟଙ୍କା ମୋତେ ଦେବାକୁ ପଡ଼ିବ ବୋଲି ଜଣାଇ ଦିଅନ୍ତି, ତାହାହେଲେ ଯିବା ଆଗରୁ ଚେକ୍ ଲେଖି ପଠାଇ ଦେଇ ପାରନ୍ତି···

ତା'ପରେ ଆଉ କେତୋଟି ପ୍ରୟୋଜନୀୟ କଥା ପଚାରି ଟେଲିଫୋନ୍‌ଟି ରଖିଦେଲି । କବାଟ ପାଖକୁ ଆସି ଦେଖିଲି । ବିବାକରବାବୁ ତାଙ୍କ ଘରର ବାରଣ୍ଡା ଉପରେ ପଦଚାରଣ କରୁଛନ୍ତି । ବୋଧହୁଏ ଜୟନ୍ତୀ ଘରକୁ ଫେରିନାହିଁ ବୋଲି ତା'ର ଅପେକ୍ଷାରେ ରହିଛନ୍ତି ସେ ।

ଦଶମିନିଟ୍ ପରେ । ମୁଁ ଆସି ପହଞ୍ଚିଲି "ଦାସ-କ୍ଲିନିକ" ସାମ୍ନାରେ । ଦୁଇ ମହଲା ପ୍ରକାଣ୍ଡ ଅଟ୍ଟାଳିକା । ଆଧୁନିକ ଧରଣର ନିର୍ମିତ ବିରାଟ ପ୍ରସାଦ ।

ଭିତରକୁ ଯିବାବେଳେ ଦୁଆର ପାଖରେ ଜୟନ୍ତୀକୁ ଦେଖି ପାରିଲି । ତରତର ହୋଇ ସିଡ଼ିବାଟେ ସେ ଉପରୁ ଓହ୍ଲାଇ ଆସୁଥିଲେ । ଇଚ୍ଛା କରି ମୁଁ ଟିକିଏ କଡ଼େଇ ଗଲି, ସେ ବୋଧହୁଏ ମୋତେ ଦେଖି ପାରିନାହାନ୍ତି—

ଅଭ୍ୟର୍ଥନା ଲାଗି ଯେଉଁ ନର୍ସ୍‌ଟି ଦୁଆର ମୁହଁ ଉପରେ ଚୌକି ପକାଇ ବସିଥିଲା, ମୋତେ ଦେଖିବା ମାତ୍ରେ ଉଠିଆସି ସ୍ୱାଗତ ଜଣାଇଲା । ତା' ପାଖରୁ ଶୁଣି ପାରିଲି ଡାକ୍ତର ବିନୋଦ

ଦାସ ଉନସାଗ ଡାକ୍ତରଖାନାରେ ରହୁ ରୋଗୀ ଦେଖୁଛନ୍ତି, ବାହାରକୁ ଆଦୌ ବାହାର ନାହାନ୍ତି ।

ପର୍ଦ୍ଦା ଏ ପାଖରେ ଥାଇ ମନେମନେ ପ୍ରଶ୍ନଗୁଡ଼ିକ ଆଉ ଥରେ ସ୍ଥିରକରିନେଇ ପର୍ଦ୍ଦାଠେଲି ଭିତରେ ପ୍ରବେଶ କଲି । ମୋତେ ଏପରି ସମୟରେ ଦେଖି ସେ ଯେ ଆଶ୍ଚର୍ଯ୍ୟ ହୋଇଛନ୍ତି ଏହା ତାଙ୍କର ଆଖିରୁ ମୁହଁରୁ ଜଣାପଡୁଥାଏ । ମୁହୂର୍ତ୍ତକ ଭିତରେ ନିଜକୁ ସେ ସଂଯତ କରିନେଲେ, ଏହା ମଧ୍ୟ ବୁଝିପାରିଲି ।

ସାମନା ଚେୟାରଟିରେ ବସିପଡ଼ି କହିଲି—ବିଶେଷ ପ୍ରୟୋଜନ ବୋଧକରି ଆପଣଙ୍କ ପାଖକୁ ଆସିଛି, ଡ଼କ୍ଟର ଦାସ···

—କଣ କହନ୍ତୁ···ମୃଦୁ କଣ୍ଠରେ କହିଲେ ଡ଼କ୍ଟର ବିନୋଦ ଦାସ ।

ମୁଁ ମଧ୍ୟ ସଂଯତ କଣ୍ଠରେ କହିଲି—ପ୍ରୟୋଜନଟା ମୋର ନୁହେଁ, ଡ଼କ୍ଟର – ଆପଣଙ୍କର ପ୍ରୟୋଜନ ବୋଲି ମୁଁ ଆସିଛି ।

—ଅର୍ଥାତ୍···ଡ଼କ୍ଟର ଦାସଙ୍କର ଭ୍ରୁଯୁଗଳଟି କୁଞ୍ଚିତ ହୋଇ ଆସିଲା ।

ତାଙ୍କ କଥାରେ କୌଣସି ଉତ୍ତର ନ ଦେଇ କହିଲି—ଆସିବାବେଳେ ଦେଖିଲି ଜୟନ୍ତୀଦେବୀ ଆପଣଙ୍କ ଚେମ୍ବରରୁ ବାହାରି ବାହାରକୁ ଗଲେ···

—ଜୟନ୍ତୀଦେବୀ ମୋର ଜଣେ ରୋଗିଣୀ, ଏହା ନିଶ୍ଚୟ ଜାଣନ୍ତି !

—ଆପଣଙ୍କର ପେସେଣ୍ଟ !

—ନିଶ୍ଚୟ···

—ଯେଉଁଦିନ ସେ କାନ୍ଦୁଥିଲେ ବୋଲି ଟେଲିଫୋନ୍‌ରେ ଆପଣଙ୍କୁ ଡ଼ାକିଥିଲେ ସେହିଦିନଠୁ ବୋଧହୁଏ ?

—ନା, ଏ ଘଟଣାର ଅନେକ ଆଗରୁ । ଆପଣ ବର୍ତ୍ତମାନ ଯାଇପାରନ୍ତି, ପ୍ରିୟନାଥବାବୁ—ମୁଁ ବର୍ତ୍ତମାନ ଭୀଷଣ କାର୍ଯ୍ୟବ୍ୟସ୍ତ ।

କଣ୍ଠସ୍ୱରରେ ଯଥେଷ୍ଟ ଗାମ୍ଭୀର୍ଯ୍ୟତା ଫୁଟାଇ କହିଲି—ତା'ଙ୍କ ଦେଶେ । ଜାଣିଶୁଣି ଆପଣଙ୍କୁ ଭାବିବା ଲାଗି ସମୟ ଦେଉଛି ।

ନିଜକୁ ଖୁବ୍ ଆଶ୍ଚର୍ଯ୍ୟ ବୋଧ କଲି । ଏପରି ଅଦ୍ଭୁତ କଣ୍ଠସ୍ୱର କେଉଁଦିନହେଲେ ମୋର କଣ୍ଠରୁ ବାହାରି ନଥିଲା । ନିଜର କଣ୍ଠସ୍ୱର ନିଜକୁ ବିଚିତ୍ର ମନେହେଲା···ଛି-ଛି, ମୋର ନିଜର ପ୍ରିୟଜନ ଯଦି ମୋର ଏପରି ସ୍ୱର ଶୁଣିବେ, ତାହାହେଲେ ସେମାନେ କଣ କେଜାଣି ମନେ କରିବେ ମୋତେ !

ଲକ୍ଷ୍ୟକରି ଦେଖିଲି ମୋ କଥା ଶୁଣି ଡକ୍ଟର ଦାସଙ୍କର ଆଖି ଦୁଇଟି ସତେ ଯେପରି ଫସ୍ଫରସ୍ ପରି ଜଳି ଉଠିଲା ମୁହୂର୍ତ୍ତକ ପାଇଁ । ପର ମୁହୂର୍ତ୍ତରେ ନିଜକୁ ସମ୍ଭାଳି ନେଇ ଅଦ୍ଭୁତ ଶାନ୍ତ କଣ୍ଠରେ କହିଲେ ସେ—ଆପଣ ଅକାରଣରେ ସମୟ ନଷ୍ଟ କରୁଛନ୍ତି, ପ୍ରିୟନାଥବାବୁ ! ଯଦି ନ ଯାଆନ୍ତି ମୁଁ ବାଧ୍ୟହୋଇ—

ତାଙ୍କ କଥା ଶେଷ ହେବା ଆଗରୁ ମୁଁ କହିଲି—ବାଧ୍ୟହୋଇ ଲୋକ ଡାକି ମୋତେ ଚେମ୍ବରରୁ ବାହାର କରିଦେବେ, ଏଇ କଥା କହୁଛନ୍ତି ତ ? ଏପରି କରିବା ଦ୍ୱାରା ଆପଣଙ୍କର କ୍ଷତି କି ଲାଭ ତାହା ଥରେ ଭାବନ୍ତୁ । ଲୋକ ଆସି ଜମାହେଲେ ମୁଁ ସବୁ କଥା କହିବାକୁ ବାଧ୍ୟ ହେବି, ମୋ' କଥାଗୁଡ଼ିକ ସେମାନେ କିପରି ଭାବେ ଗ୍ରହଣ କରିବେ ତାହା ନିଶ୍ଚୟ ବୁଝିପାରୁଛନ୍ତି । ସେଦିନର କଥାଗୁଡ଼ିକ ନିଶ୍ଚୟ ଆପଣଙ୍କର ଆଜିଯାଏ ମନେଥିବ, ଡକ୍ଟରଦାସ ! ଏକ୍ସରେ-ର ଫଳାଫଳ ଜାଣିବାପାଇଁ ପରଦିନ ସକାଳେ ଜବାହରବାବୁଙ୍କୁ ଆସିବାଲାଗି କହିଥିଲେ, ଏବଂ

ସୂଚଣାଟି କଣ ସତ୍ୟ ? ପ୍ରକୃତରେ କି ଜୟନ୍ତୀ ଦେବୀ ତାଙ୍କ ସ୍ୱାମୀଙ୍କୁ ଏହିକଥା କହିବାକୁ ଭୁଲି ଯାଇଥିଲେ । ନା, ଉତ୍କଳ ଦାସ—ଶ୍ରୀମତୀ ସୁବୁଦ୍ଧି କେବେ ଭୁଲି ଯାଇ ନ ଥିଲେ । ମେ ଉପରେ ଦାବୀକରିବାରୁ ଏଟିକି ଆସିବା କଥା ଆପଣ ଜୟନ୍ତ ଦେବୀଙ୍କୁ କହିନଥିଲେ ।

—ଆପଣ କପରି ଜାଣିଲେ ?... ତାଙ୍କର କଣ୍ଠସ୍ୱରରେ ଦାରୁଣ ଉଷ୍ମତା ଫୁଟିଉଠିଲା ଏଥର ।

—ଅଧଘଣ୍ଟା ପୂର୍ବରୁ ଫୋନ୍ କରି ମୁଁ ସବୁ ଜାଣିପାରିଛି ସୁବୁଦ୍ଧିବାବୁଙ୍କ ଆଗରେ ଆପଣ ମିଥ୍ୟା ପ୍ରକାଶ କରିଥିଲେ ଆଉ ମଧ ବୁଝିଛି, ଜୟନ୍ତୀ ଦେବୀଙ୍କର ସେଦିନର କାନ୍ଦ ପ୍ରତାରଣା ଛଡ଼ା ଆଉ କିଛି ନୁହେଁ । ...ନିର୍ଭୟରେ କହିଗଲି ମୁଁ

—କଣ ପାଇଁ ସେ ପ୍ରତାରଣା କରିବେ ? କାହା ସହି ପ୍ରତାରଣା କରିବେ ସେ ?...

—ତାଙ୍କର ସ୍ୱାମୀଙ୍କ ସହିତ ।

ସେଥିରେ ତାଙ୍କର ଲାଭ ?

—ବିନା ଉଦ୍ଦେଶ୍ୟରେ ସେ ସେଦିନ କାନ୍ଦିନଥିଲେ । ସେହି ଉଦ୍ଦେଶ୍ୟଟି ଯେ କଣ ତାହା ଆଜି ମୋର ଅଜଣା ନୁହେଁ ଉତ୍କଳ ଦାସ । ଏହି ନାଟକର ଅଭିନେତା ହେଉଛନ୍ତି ସମ୍ପୂର୍ଣ୍ଣ ଆପଣ ।

ସୁସ୍ପଷ୍ଟ ପ୍ରତିବାଦରେ ଉତ୍ତେଜିତ ହୋଇ ଉଠିଥିଲେ ଉତ୍କଳ ଦାସ, କିନ୍ତୁ କଣ ଭାବି ହଠାତ୍ ନିସ୍ତେଜ ହୋଇ ପଡ଼ିଲେ ସେ ଏଥର ଜୟନ୍ତୀ ଦେବୀଙ୍କର କାନ୍ଦଣାର କାରଣଟି ସମ୍ବନ୍ଧରେ ମନେମନେ ଅନୁସନ୍ଧାନ କରିବାକୁ ଲାଗିଲି...କଣ ପାଇଁ ସେ

ସେଦିନ ଏପରି ଅଧୈର୍ଯ୍ୟ ହୋଇ କାନ୍ଦ ଥିଲେ ··· ଯାହାହେଉ, ଗୋଟାଏ ସମାଧାନ ମଧ୍ୟ ସ୍ଥିର କରିନେଲି ।

ଭାବିଲି, ଦୁଶ୍ଚିନ୍ତା ଯୋଗୁଁ ଦିବାକରବାବୁ ସେଦିନ ନିଶ୍ଚୟ ନିଶ୍ଚିନ୍ତରେ ଶୋଇ ନଥିବେ, ସକାଳେ ନିଶ୍ଚୟ ପଚାରିଥିବେ—

—ଭଲ ଅଛତ ଜୟନ୍ତୀ ?

— ହଁ···ଛୋଟ ଉତ୍ତରଟିଏ ଦେଇଥିବେ ଜୟନ୍ତୀ ଦେବୀ ।

ଦିବାକର ବାବୁଙ୍କର ପରବର୍ତ୍ତୀ ପ୍ରଶ୍ନ ନିଶ୍ଚୟ ହୋଇଥିବ—କାହିଁକି ତୁମେ କାଲି କାନ୍ଦୁଥିଲ ?

ଜୟନ୍ତୀ ଦେବୀ କହିଥିବେ—ତୁମ କଥାଭାବି ଭବିଷ୍ୟତ ଚିନ୍ତାରେ ମୁଁ ଏପରି କାନ୍ଦୁଥିଲି ।

—ମୋ' କଥା ଭାବି···ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇଥିବେ ସୁବୁଦ୍ଧି ବାବୁ ।

କୃତ୍ରିମ ଗଳାରେ ଜୟନ୍ତୀ ଦେବୀ କହିଥିବେ—ହଁ ।

—ଟିମୋର ଏକ୍ସରେ କଥା କାଲି ଜଣାପଡ଼ିବ ବୋଲି ଡାକ୍ତର ଦାସ କହିଥିଲେ, ସେ କଥା ମୋତେ କହିନାହଁ କାହିଁକି ?—

କହିବି ବୋଲି ଭାବିଥିଲି । କିନ୍ତୁ ତୁମେ ବିଶ୍ୱାସ କର, ମୁହଁ ଖୋଲି ସେ କଥା କହିବି ବୋଲି ସାହାସ ପାଇ ନଥିଲି ···

—କାହିଁକି, ଡାକ୍ତର ଦାସ କିଛି କହିଥିଲେ ?

—ହଁ, କହିଥିଲେ ତୁମର ଜୀବନ ବିପନ୍ନ । (ଲୁଗା କାନିରେ ଆଖିପୋଛି) ଆଜି ଯଦି ତୁମର କିଛି ହୋଇଯାଏ, ମୁଁ କାପରି ବଞ୍ଚିବି କୁହତ ?···

ପତି-ଅନ୍ତ ପ୍ରାଣ—ଏହି ଭାବ ସେ ଦେଖାଇଥିବେ ନିଶ୍ଚୟ ।

ଆନୁସଙ୍ଗିକ ପ୍ରଶ୍ନୋତ୍ତର ଗୁଡ଼ିକ ମନେ ମନେ ଆଲୋଚ
କରି ଡକ୍ଟର ଦାସଙ୍କ ଆଡ଼େ ଚାହିଁ ଦେଖିଲେ । ସେ ତାଙ୍କୁ ମୁହଁ
ପୋତି ବସି କଣ ଚିନ୍ତା କରୁଛନ୍ତି । କହିଲି—ଦିବାକରବାବୁ
ରୋଗ ଭୋଗୁଛନ୍ତି, ଡକ୍ଟରଦାସ !

—ଚିକିତ୍ସକ ହୋଇ ଅନ୍ୟ ଆଗରେ କହିବା ଅନୁଚିତ ?

ନିଜକୁ ଆଉ ଆୟତ୍ତରେ ରଖି ପାରିଲି ନାହିଁ । କଠୋ
ସ୍ୱରରେ କହିଲି—ଚିକିତ୍ସକ କହି ସତ୍ୟକୁ ଗୋପନ ରଖିବା ଲ
ଚେଷ୍ଟା କରିବେ ନାହିଁ । ହୁଏତ ଆପଣଙ୍କର ଅପକୀର୍ତ୍ତି କଥ
ବାହାରେ ପ୍ରକାଶ ପାଇବା ସମ୍ଭାବନା ବେଶି । ବର୍ତ୍ତମାନ ସୁଯ
ସମୟ ଅଛି । ଦିବାକରବାବୁ କି ରୋଗ ଭୋଗୁଛନ୍ତି ତାହା କହନ୍ତୁ
—ତାହା ନହେଲେ···

ମୋତେ ଇଚ୍ଛାକରି ବାକ୍ୟଟାକୁ ପୂରଣ କଲିନାହିଁ । ଡକ୍ଟ
ଦାସ ଗୁଣୁ ଗୁଣୁ ହୋଇ କଣ ସବୁ ଉଚ୍ଚାରଣ କଲେ କିଛି ବୁ
ପାରିଲି ନାହିଁ ।

କିଛିକ୍ଷଣ ସ୍ତବ୍ଧତା ।

ଆଉଥରେ ସ୍ମରଣ କରାଇ ଦେଲି । କହନ୍ତୁ, ଦିବାକରବା
କି ରୋଗ ଭୋଗୁଛନ୍ତି ?

କ୍ଷୀଣ କଣ୍ଠରେ କହିଲେ ଡକ୍ଟର ଦାସ, ଏକ୍ସରେ
କିଛି ଜଣା ପଡ଼ିନାହିଁ ।

—ତାହାହେଲେ ଦିବାକରବାବୁ ସମ୍ପୂର୍ଣ୍ଣ ସୁସ୍ଥ ?

—ହଁ ସୁସ୍ଥ···

—ତାଙ୍କୁ ଏକଥା ଶୁଣାଇ ଦେଇଛନ୍ତି !

—ଜୟନ୍ତୀ ଦେବୀ ଏଠାକୁ ଆସିବା ପୂର୍ବରୁ ଦିବାକରବା
ଆସିଥିଲେ, ତାଙ୍କୁ ଶୁଣାଇ ଦେଇଛି । କିନ୍ତୁ, ସେ ବୋଧହୁଏ ମ

କଥାକୁ ବିଶ୍ୱାସ କରୁନାହାନ୍ତି । କାରଣ, ସେ ଭୀଷଣଭାବେ ଅସୁସ୍ଥ ବୋଲି ତାଙ୍କର ସ୍ତ୍ରୀ ଏହି ଧାରଣାଟିକୁ ବଦ୍ଧମୂଳ କରାଇ ଦେଇଛନ୍ତି ।

—ଏବଂ ଏହି କାରଣରୁ ସେଦିନ କାନ୍ଦଣାର ଅଭିନୟ କରିଥିଲେ, ଏହା କଣ ସତ୍ୟ ନୁହେଁ ଡକ୍ଟର ଦାସ ! ଅସୁସ୍ଥତା କବଳରୁ ମୁକ୍ତିଲାଭ ଲାଗି ଯଦି ତାଙ୍କର ସ୍ୱାମୀ ଆତ୍ମହତ୍ୟା କରନ୍ତି ଏହା ଜୟନ୍ତୀଦେବୀ କାମନା କରି ନଥିଲେ କି ?

ନୀରବରେ ମୁଣ୍ଡ ହଲାଇ ଡକ୍ଟର ଦାସ ନିଜର ଅଭିମତ ଜଣାଇଲେ ।

—କିନ୍ତୁ କାହିଁକି ସେ ଏହି ଉଦ୍ଦେଶ୍ୟ ପୋଷଣ କରିଥିଲେ, ଡକ୍ଟର ଦାସ ! ସମ୍ପୂର୍ଣ୍ଣଭାବେ ସେ ଆପଣଙ୍କୁ ପାଇବେ ଏହି ଆଶା ତାଙ୍କର ନିଶ୍ଚୟ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଧହୁଏ...

ଲଜ୍ଜା ସରମ ସବୁ ତ୍ୟାଗକରି ଚରମ ସତ୍ୟଟିକୁ ପ୍ରକାଶ କଲି ଏଥର ।

ମୁହୂର୍ତ୍ତେ ନୀରବ ରହି ଡକ୍ଟର ଦାସ କହିଲେ— ଆପଣଙ୍କର ଅନୁମାନ ମିଥ୍ୟା ନୁହେଁ ପ୍ରିୟନାଥ ବାବୁ ! ପରିଚୟ ହେବା ଦିନଠୁ ଉଭୟେ ଉଭୟଙ୍କର ପ୍ରେମରେ ପଡ଼ିଥିଲୁ । ଜୟନ୍ତୀର କାନ୍ଦଣା, ଅଭିନୟ ଛଡ଼ା ପ୍ରକୃତରେ ଆଉ କିଛି ନୁହେଁ । ପରିକଳ୍ପନା ମଧ୍ୟ ତା'ର, ମୁଁ କେବଳ ଏହି ପରିକଳ୍ପନାକୁ ସମର୍ଥନ କରିଥିଲି ।

—ଦିବାକରବାବୁ ଯେ ତାଙ୍କର ସ୍ତ୍ରୀଙ୍କୁ ନିଜର ପ୍ରାଣ ଅପେକ୍ଷା ଅଧିକ ଭଲ ପାଉଥିଲେ ଏହା କଣ ଆପଣ ବୁଝିପାରି ନଥିଲେ ?

—ବୁଝିପାରିଥିଲି, ଆଉ ମଧ୍ୟ ବୁଝିଥିଲି ଯେ ଜୟନ୍ତୀ ଆଦୌ ତାଙ୍କୁ ଭଲ ପାଏନା । ଅର୍ଥାତ ଦିବାକରବାବୁ-ଜୟନ୍ତୀ ଅପେକ୍ଷା ବୟସରେ ଯଥେଷ୍ଟ ବଡ଼, ଦେଖିବାକୁ ମଧ୍ୟ ସୁନ୍ଦର ନୁହନ୍ତି । କୌଣସି ସ୍ତ୍ରୀ ପକ୍ଷରେ ତାଙ୍କୁ ଭଲ ପାଇବା ସମ୍ଭବ ନୁହେଁ । ବିବାହିତା ସ୍ତ୍ରୀ ବୋଲି ଜୟନ୍ତୀ ଆଜିଯାଏ ସବୁ ସହ୍ୟ କରୁଥିଲା ।

କଠୋର କଣ୍ଠରେ କହିଲି—ତା'ବୋଲି ପରର ସଂସାର ଭାଙ୍ଗିବା ଆପଣଙ୍କ ପରି ବିଜ୍ଞ ଚିକିତ୍ସକଙ୍କ ପକ୍ଷରେ ଉଚିତ ହୋଇଛି ?

ନିସ୍ତେଜ କଣ୍ଠରେ ଡାକ୍ତର ଦାସ କହିଲେ—ମୁଁ ଜୟନ୍ତୀକୁ ଅବଶ୍ୟ ସବୁକଥା ଭଲଭାବେ ବୁଝାଇଥିଲି, କିନ୍ତୁ ସେ ମୋ କଥା ଆଦୌ ଶୁଣିନାହିଁ । ମୋର ଆଉ ଉପାୟ କଣ କହନ୍ତୁ ତ !—

—ତାହାହେଲେ, ଯାହା ହେବାର ହୋଇଛି—ଏଣିକି ଯେପରି ଆଉ କିଛି ନ ହୁଏ ସେଥିପାଇଁ ଚେଷ୍ଟା କରନ୍ତୁ··· ଚେୟାରରୁ ଉଠିପଡ଼ି କହିଲି—ଆସନ୍ତୁ ମୋ ସାଙ୍ଗରେ···

—କୁଆଡ଼େ ଯିବି···ମୋ ମୁହଁକୁ ଚାହିଁ ପଚାରିଲେ ଡାକ୍ତର ବିନୋଦ ଦାସ ।

—ଦିବାକରବାବୁଙ୍କ ଘରକୁ ।

—କିନ୍ତୁ ଏଣେ ରୋଗୀମାନେ ବାହାରେ ବସିଛନ୍ତି, ତାଙ୍କୁ ଛାଡି ଯିବି କିପରି ?

—ଅଧଘଣ୍ଟା ଭିତରେ ଆପଣ ଫେରି ଆସିବେ, ଆସନ୍ତୁ···

ଆଉ କୌଣସି ପ୍ରଶ୍ନ ନକରି ଚେୟାରରୁ ଉଠି ମୋତେ ଅନୁସରଣ କଲେ ଡାକ୍ତର ଦାସ ।

ମୌନ ନୀରବତା ଭିତରେ ଦୁଃସ୍ୱପ୍ନ ପରି ପ୍ରକାଣ୍ଡ ପ୍ରାସାଦଟି ଛିଡ଼ା ହୋଇଥିଲା । ଘର ଭିତରେ କେହି ନାହାନ୍ତି ଯେପରି···

ଘରର ପର୍ଦ୍ଦା ଆଡ଼େଇ ଭିତରଟି ଭଲଭାବେ ଦେଖି ନେଇ କହିଲି—ସେମାନେ ବୋଧହୁଏ ଚାଲିଗଲେଣି···

—କୁଆଡ଼େ ଗଲେ···ପଚାରିଲେ ଡାକ୍ତର ଦାସ ।

ଦିବାକର ବାବୁ ଏସ୍ଥାନ ଛାଡ଼ି ଚାଲିଯିବେ ବୋଲି କହୁଥିଲେ, କିନ୍ତୁ କୁଆଡ଼କୁ ଯିବେ କହି ନାହାନ୍ତି ।

ଜୟନ୍ତୀ ଦେବୀଙ୍କୁ କହୁଥିଲେ ?

ହଠାତ୍ ଯିବା କଥା ତାଙ୍କୁ ଶୁଣାଇ ଆଶ୍ଚର୍ଯ୍ୟ କରିଦେବେ ବୋଲି କହୁଥିଲେ ।

—ଦିବାକରବାବୁ ଅବିଚାର କରୁଛନ୍ତି । ଜୟନ୍ତୀର ଇଚ୍ଛା ବିରୁଦ୍ଧରେ ତାକୁ ଏଣେ ତେଣେ ନେଇଯିବା ପ୍ରକୃତରେ ଅନ୍ୟାୟ ନୁହେଁକି ?

ମୁଁ କିଛି କହିଲି ନାହିଁ ।

ଦ୍ୱିତୀୟ ପର୍ଦ୍ଦାଟିକୁ ଠେଲି ଉଚ୍ଚ ସ୍ୱରରେ ଡାକିଲି—ଦିବାକରବାବୁ !···ଜୟନ୍ତୀ ଦେବୀ···

କେହି ଉତ୍ତର ଦେଲେନାହିଁ ।

ଓଭରସିଅର ଡାସଙ୍କ ହାତଧରି ଭିତରକୁ ଆସିଲି ।

ବାରଣ୍ଡାରେ ଠିଆହୋଇ ଆଉଥରେ ଡାକିଲି । ତେବେବି କେହି ଆସିଲେ ନାହିଁ କି କାହାରି କଣ୍ଠସ୍ୱର ଶୁଣାଗଲା ନାହିଁ । ଘରଆଡେ ମୃତ୍ୟୁପରି ଶୀତଳତାରେ ଭରି ରହିଥାଏ ଯେପରି ।

—ନା, ସେମାନେ ବୋଧହୁଏ ଚାଲିଗଲେଣି···କହିଲେ ବିନୋଦବାବୁ ।

ସାମ୍ନାରେ ଥିବା ବଡ଼ ଘରଟି ଭିତରେ ଜିନିଷପତ୍ର ରହିଥିବା ଦେଖି କହିଲି—ବୋଧହୁଏ ଯାଇନାହାନ୍ତି, ଘର ଭିତରେ ସେମାନଙ୍କର କେତେକ ଜିନିଷ ଥୁଆ ହୋଇଛି, ଦେଖନ୍ତୁ । ଆସନ୍ତୁ, ଭିତରକୁ ଯିବା···

ଭିତରେ ଗୋଡ଼ ଦେବାମାତ୍ରେ ଥମକି ଛିଡ଼ା ହୋଇଗଲେ ବିନୋଦ ଦାସ—ଦୁଆରମୁହଁ ପାଖରେ ଟ୍ରେନ୍ ଟେବୁଲଟି ଉପରେ ପଡ଼ିଥିବା ଖଣ୍ଡିଏ ଚିଠି ଉପରେ ଦୃଷ୍ଟି ତାଙ୍କର ନିବଦ୍ଧ ହେଲା । ମୁହୂର୍ତ୍ତେ ମାତ୍ର ମୋ'ଆଡ଼େ ଚାହିଁ ଚିଠିଟିକୁ ଖୋଲିଲେ ।

—ଆଶ୍ଚର୍ଯ୍ୟ, ଚିଠିଟିରେ ମୋତେ ସମ୍ବୋଧନ କରା-ହୋଇଛି···କହିଲେ ଓଭରସିଅର ଦାସ···

ଆପଣଙ୍କୁ ? ···ମୁଁ ମଧ୍ୟ କମ୍ ଆଶ୍ଚର୍ଯ୍ୟ ହୋଇନାହିଁ ।

ତରତର ହୋଇ ଚିଠିଟିକୁ ଖୋଲି ଓଭରସିଅର ଦାସ ପଢ଼ିବାକୁ ଲାଗିଲେ ।

ବିନୋଦବାବୁ—

ମୋ ଆଖିରେ ଧୂଳି ଦେବାଲାଗି ଆପଣ ଅନେକ ଚେଷ୍ଟା କରିଛନ୍ତି । ମୁଁ କୌଣସି ରୋଗରେ ପୀଡ଼ିତ ନୁହେଁ, ସମ୍ପୂର୍ଣ୍ଣ ସୁସ୍ଥ, ଏହା ଆପଣଙ୍କ ପାଖରୁ ଶୁଣି ଆସିବା ପରେ କାହିଁକି ଜୟନ୍ତୀ କାନ୍ଦେ ଏହା ତାଙ୍କୁ ପଚାରିଥିଲି । ମୋର ସେତେବେଳକାର ରୂପ ଓ କଣ୍ଠସ୍ୱର ଶୁଣି ମିଥ୍ୟା କହିବାକୁ ସେ ସାହାସ କରିନାହିଁ । ସବୁ ସେ ଅକପଟଭାବେ ସ୍ୱୀକାର କରିଛି । ବର୍ତ୍ତମାନ ଆମେ ଦୁହେଁ ଦୁହିଙ୍କର ଏତେ ନିକଟରେ ଯେ, କେହି କାହାର ପାଖରୁ ମୁହୂର୍ତ୍ତକ ପାଇଁ ପୃଥକ ହେଲେ ଉଭୟଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଯିବ । ଯେତେହେଲେ ଜୟନ୍ତୀ ମୋର ଅର୍ଦ୍ଧାଙ୍ଗିନୀ ! ଅର୍ଦ୍ଧାଙ୍ଗିନୀ ବୋଲି ତାଙ୍କୁ ମୁଁ ସାଙ୍ଗରେ ନେଇଗଲି । ଇତି—

ପଢ଼ିସାରିବା ପରେ ଡକ୍ଟର ଦାସ ଦୀର୍ଘନିଃଶ୍ୱାସ ପକାଇ ନିକଟରେ ଥିବା ଚେୟାରଟିରେ ବସିପଡ଼ିଲେ ।

ଘଟଣାଟିକୁ ମନେ ମନେ ଆଲୋଚନା କରି ମୁଁ ଆଉ ସ୍ଥିର ନକରି ଉତ୍ତର ଆଡେ ଆସିଲି । ମନରେ ସେତେବେଳେ ଦୁଶ୍ଚିନ୍ତାର ଝଡ଼ ପ୍ରବଳଭାବେ ବୋହିବାକୁ ଲାଗିଛି ।

ଯାହା ଭାବୁଥିଲି ଠିକ ସେଇଆ ଘଟିଛି । ଶୋଇବା ଘରର ଚଟାଣ ଉପରେ ପଡ଼ିଥାଏ ସୁବୁଦ୍ଧି ବାବୁଙ୍କର ନିଷ୍ପ୍ରାଣ ଶରୀର, କଡ଼କାଠରେ ଝୁଲୁଥାନ୍ତି ଜୟନ୍ତୀ ଦେବୀ ।

ପରିଷ୍କାର ବୁଝିପାରିଲି ଜୟନ୍ତୀର ଗଳା ଟିପି, ତାଙ୍କୁ ହତ୍ୟାକରି ନିଜେ ଆତ୍ମହତ୍ୟା କରିଛନ୍ତି ସେ ।

ଫେରିଆସି ଦେଖେତ' ଡ଼କ୍ଟର ଦାସ ଚେୟାରଟିରେ ବସି ମନେ ମନେ କଣ ଭାବୁଛନ୍ତି । ଅସଂଖ୍ୟ ଚିନ୍ତାର ରେଖା ଫୁଟି-ଉଠିଛି ତାଙ୍କର ଲଲାଟ ଉପରେ । ମୋତେ ଦେଖିବାମାତ୍ରେ ଚେୟାରରୁ ଉଠିଆସି କମ୍ପିତ କଣ୍ଠରେ କହିଲେ—ପ୍ରିୟନାଥବାବୁ, ଆପଣ ମୋତେ ଉଦ୍ଧାର କରନ୍ତୁ । ହତ୍ୟା ଓ ଆତ୍ମହତ୍ୟା ପାଇଁ କିଏ ଦାୟୀ ଏ ବିଷୟରେ ଆପଣ ଏକମାତ୍ର ସାକ୍ଷୀ । ଆପଣ ଇଚ୍ଛା କଲେ ମୋତେ ଜେଲକୁ ପଠାଇ ପାରନ୍ତି । ତେଣୁ···

କଣ ସେ କହିବାକୁ ଚାହାନ୍ତି ବୁଝିପାରିଲି । ଶାନ୍ତ କଣ୍ଠରେ କହିଲି—ମୋ ଦ୍ୱାରା ଆପଣଙ୍କର କୌଣସି କ୍ଷତି ହେବ ନାହିଁ, ଡ଼କ୍ଟରଦାସ ! ପୁଲିଶରେ ମୁଁ ଖବର ଦେବ ନାହିଁ, ଏହି ଚିଠିକୁ ଆପଣ ନେଇଯାଆନ୍ତୁ । ଆପଣ ଯେଉଁ ଅନ୍ୟାୟ କରିଛନ୍ତି, ସେହି ଅନ୍ୟାୟର ବିଚାର ଏଠାରେ ନହେଲେ ସୁଦ୍ଧା ଉପରେ ନିଶ୍ଚୟ ହେବ—ଏବଂ ସେଥିପାଇଁ ଆପଣ ପ୍ରସ୍ତୁତ ଥିବେ···

—ଦୁଇ—

ବିଚିତ୍ର ଦୁନିଆଁ । ବିଚିତ୍ର ପୁଣି ଏଠିକାର ଅଧିବାସୀମାନେ ।

ଦିନ କେଇଟା ପରେ ବଦଳି ଆଦେଶ ମୋର ଆସିଗଲା । ବଦଳି ହୋଇ ଆସିଲି ଆଜି ଏକ ସହରକୁ । ଏହା ଭିତରେ ସ୍ଥାନାନ୍ତ ମଧ୍ୟ ମୋର ଘଟିଛି । ଅସଂଖ୍ୟ ବନ୍ଧୁବାନ୍ଧବ ମଧ୍ୟ ଜୁଟିଛନ୍ତି ମୋର । ସରକାରୀ କ୍ୱାର୍ଟର ଖଣ୍ଡେ ମିଳିଛି । ବିଶେଷ ଭଲ ନହେଲେ ସୁଦ୍ଧା ଏକୁଟିଆ ରହିବା ପକ୍ଷରେ ଯଥେଷ୍ଟ ।

କେତେ ପରିବର୍ତ୍ତନ ଆସିଛି ଏହା ଭିତରେ । ଶରୀର, ମନ, ରୁଚି ସବୁଥିରେ ପରିବର୍ତ୍ତନ ଆସିଲେ ସୁଦ୍ଧା ଜଣକୁ ମୁଁ ଆଜିଯାଏ ଭୁଲିପାରିନାହିଁ । ଦିବାକର ସୁବୁଦ୍ଧି—ସରଳ ଶାନ୍ତମୂର୍ତ୍ତି ଲୋକଟି । କେତେଟା ଦିନ ଆଳାପ ପରିଚୟରେ ଲୋକଟା ଉପରେ କେମିତି ଗୋଟାଏ ମାୟା ଆସି ପଡ଼ିଥିଲା । ଆଉ ସେହି ରହସ୍ୟମୟୀ ନାରୀ—କସ୍ତୁରୀ···ତାହାଙ୍କ କେଜାଣି ଗୋଟାଏ ବିଜାତୀୟ ଘୃଣା ଆସିଯାଏ ମନ ଭିତରେ ରହିଛି ତା'ପ୍ରତି । ସେ ମୃତା, ତଥାପି ଅପରିସୀମ ଘୃଣାରେ ମନ ତିକ୍ତ ହୋଇଆସେ, ଯେତେବେଳେ ତା'କଥା ମନେ ପଡ଼ିଯାଏ ।

ଆଉ, ଉତ୍କଳର ବିନୋଦ ଦାସ । ଦିବାକର ସୁବୁଦ୍ଧିଙ୍କର ଶନିଗ୍ରହ । ଛି-ଛି — କେତେ ମାରାତ୍ମକ ଲୋକଟା । ତାଙ୍କର ଯୋଗୁ ଗୋଟିଏ ପରିବାର ଆଜି ଜାଣ୍ଟି ସ୍ଥ···ମୂର୍ତ୍ତିମାନ ଶୟତାନ ସେ ।

ଭୁଲିଗଲି, ଏସବୁ ଭୁଲିଗଲି ଅନ୍ୟ ପରିବେଶ ଭିତରେ ରହି ।

ଉଦୟପୁର ରେଲଷ୍ଟେସନ । ଏଇଠିକି ମୁଁ ଆସିଛି । ସ୍ଥାନଟି ସ୍ୱାସ୍ଥ୍ୟକର, ସନ୍ଦେହ ନାହିଁ । କେଇଟା ଦିନ ଭିତରେ ନିଜର ଶରୀରକୁ ଦେଖି ନିଜେ ବୁଝିପାରୁଛି । କିନ୍ତୁ ଛୁଟିଦିନ ଏଇଠି ରହିଯିବି, ତାପରେ ସୁବିଧା ଦେଖି ଘରକରଣା ସମ୍ଭାଳିବା ପାଇଁ —

ଘର ଧସ ମାଡ଼େ । ହଳଭଗାକୁ କିଏ ନାହିଁକି ଝିଅ ଦେବ । ଏ ନେଇଁ ରୂପ, ଦଖୁାଇବ କୌଣସି ତରୁଣୀ ଯେ ଝରକି ଗୁଡ଼ା ଆଉ ଥରେ ଦୃଷ୍ଟି ନିକ୍ଷେପ କରିବ, ଏହାର ବିଶ୍ୱାସ ହୁଏନା । ଅନେକ ବନ୍ଧୁମାନେ କହନ୍ତି, ଆଉ ଦେଉଛି ନାହିଁକି ଛୁରୁଛୁ··ଟୋପରି ଯାହି ପାଇଲେ ଝିଅ ନିଜକୁ ଭାଗ୍ୟବତୀ ବୋଲି ମନେ କରିବ ।

କେତେ ବୋକାଗୁଡ଼ାକ ।

ସତ କହିବାକୁ ଗଲେ ବନ୍ଧୁମାନଙ୍କର ଉକ୍ତି ପରିହାସ ବେଶ୍ ଭଲ ଲାଗେ । ରାତିରେ ଶୋଇବାବେଳେ ଏକାକୀ ଶଯ୍ୟାଟି ଉପରେ ପଡ଼ି ଏଣୁତେଣୁ କେତେ କଥା ଭାବେ । ଦିନେ ଦିନେ ସ୍ୱପ୍ନ ଦେଖେ, ମଧୁର ସ୍ୱପ୍ନ । ଫୁଲକେଶରେ ସଜ୍ଜିତା ଗୋଟିଏ ତରୁଣୀ ନିଃସଙ୍କୋଚରେ ଶୋଇଛି ମୋ ପାଖରେ । ଆଲୁଳାୟିତ କେଶ, ଶିଥିଳ କବରୀ, ମୁଣ୍ଡର ଫୁଲଗୁଡ଼ିକ ଆସି ପଡ଼ୁଥାଏ ମୋର

ମୁହଁ ଉପରେ, ଖଣ୍ଡିଏ ଶଙ୍ଖ ଶୁଭ୍ର ମସୃଣ ନିଟୋଳ ହାତ ଛନ୍ଦାଇ ଧରିଥାଏ ମୋ ବେକକୁ । କାଚ ଚୁଡ଼ି ଓ ପତଳା ସୁନା ଚୁଡ଼ି କେତୋଟି ମୃଦୁ ଝଙ୍କାର ତୋଳୁଥାଏ କାନ ପାଖରେ···ଆଃ, କି ସୁନ୍ଦର ସେ ସ୍ୱପ୍ନ ।

ସ୍ୱପ୍ନ—ସବୁ ସ୍ୱପ୍ନ—ବାସ୍ତବତାର ଚିହ୍ନ ସେଥିରେ ନାହିଁ, ଛନ୍ଦ, ମାନ ସଙ୍ଗୀତ ନାହିଁ, ନିସ୍ୱ ମାୟା । ଇନ୍ଦ୍ରଧନୁ ପରି ମୁହୂର୍ତ୍ତିକପାଇଁ ବର୍ଣ୍ଣୋଜ୍ଜ୍ୱଳ ହୋଇ ପୁଣି ମ୍ଳାନ ହୋଇଯାଏ, ଦର୍ଶକର ଭାବନା ଉପରେ ଶେଷ ଯବନିକା ଟାଣିଦେଇ ।

ଶେଷ ଯବନିକା ଟଣା ହେଲା । ପୁଣି ଆସିଲା ବଦଳି ହେବା ସମ୍ବାଦ । ସ୍ୱପ୍ନ, ଆଶା, ଆକାଂକ୍ଷା ସବୁ କୁଆଡ଼େ ଉଡ଼ିଗଲା । ପୁଣି ଭୁଲି ଟେଢ଼ଙ୍ଗ ପଦ ବାନ୍ଧିବାକୁ ପଡ଼ିଲା ।

ଚାକିରି ଜୀବନ, ଆଜି ଏଠି ଅଛୁ ତ କାଲି ଅନ୍ୟ ଜାଗାରେ, ପରଦିନ ପୁଣି ଅନ୍ୟ କେଉଁଠି ।

ପ୍ରତିବାଦ କରି ଲାଭନାହିଁ, ଫଳରେ ହୁଏତ ବିପରୀତ ହେବା ସମ୍ଭାବନା ବେଶି । କମ୍ପାନୀର ଛପା-ମରା ଧଳା କାଗଜଟି ଉପରେ "ଆପଣଙ୍କ କାର୍ଯ୍ୟର ଆବଶ୍ୟକତା କମ୍ପାନି ଅନୁଭବ କରୁ ନାହିଁ" ବୋଲି ଲେଖା ହୋଇ ଆସିବା କଣ୍ଟୁ ବରଂ ଭଲ ।

ଏଇଠିକି ଆସିବାର ମୋର ଆଜିକୁ ଆଠମାସ । ମଧୁପୁର ଷ୍ଟେସନ । ଷ୍ଟେସନ ସଂଲଗ୍ନ କ୍ବାର୍ଟର, ସ୍ଥାନଟି ମନ୍ଦ ନୁହେଁ କହିଲେ ଚଳେ । ଅତି ନିକଟରେ ଥାନା, କଚେରୀ । ମଧୁପୁର ସହରରେ ସବୁ କିଛି ମିଳେ—ଗୋଟାଏ ସିନେମା ହଲ୍ ମଧ୍ୟ ଅଛି ।

ଡ୍ୟୁଟି ଶେଷପରେ ଘଣ୍ଟାଏ ଦୁଇଘଣ୍ଟା ବାହାରେ ବୁଲିବୁଲି କଟେ । ସିନେମା ପ୍ରତି ମୋର ବିଶେଷ ଝୁଙ୍କ କିମ୍ବା ଆଗ୍ରହ ନାହିଁ, କିନ୍ତୁ ଗଳ୍ପ ଉପନ୍ୟାସ ବହି ପାଇଲେ ଭୋକ ଶୋଷ ଭୁଲିଯାଏ । ଦେଖୁ ଦେଖୁ ଦେଢ଼ବର୍ଷ କଟିଗଲାଣି ଏଇଠି ।

ସେଦିନ ଡ୍ୟୁଟି ଶେଷପରେ ବଜାର ବୁଲି ବାହାରିଲି ଉଦ୍ଦେଶ୍ୟ ଥିଲା ଯଦି ଖଣ୍ଡିଏ ଭଲ ଉପନ୍ୟାସ ପାଏତ' କିଣିଆଣିବି ।

କେତେଥର ଆସିବାର ଦେଖିଲି ସେହି ଲୋକଟିକୁ । ଦେଖିବା ମାତ୍ରେ ଚିହ୍ନିପାରିଲି, କିନ୍ତୁ କେବେ କେଉଁଠି ଦେଖିଛି ଠିକ୍ ମନେ କରିପାରିଲି ନାହିଁ ।

ବହି ଦୋକାନରୁ ଖଣ୍ଡିଏ ଉପନ୍ୟାସ କିଣିଆଣି ଫେରିଲି ।

ବସାରେ ପହଞ୍ଚି ଯେତେ ଚେଷ୍ଟା କଲେ ସୁଦ୍ଧା ପଢ଼ାରେ ମନ ଲାଗିଲାନାହିଁ । ସେହି ଲୋକଟି କଥା ଖାଲି ମନେପଡ଼ିଲା ।

ଲୋକଟିକୁ ଚିହ୍ନିବାରେ ମୋର ଭୁଲ ହୋଇନାହିଁ ।
ଗ୍ରଚନ୍ଦ୍ର ନାମଟି ତାଙ୍କର ମନଗଢ଼ା । ଗୌତମ ବନ୍ଧୁଦାର ।
ଠିକ୍, ଏ ଆଉ ଗୌତମ ବନ୍ଧୁଦାର ଛଡ଼ା ଅନ୍ୟ କେହିନୁହେଁ ।

ଅନେକ ଦିନ ତଳେ ଦେଖିଥିଲେ ସତେ, ଚେହେରାର କୌଣସି
ପରିବର୍ତ୍ତନ ଦୀର୍ଘ ବ୍ୟବଧାନ ଭିତରେ ଯେ ଘଟିନାହିଁ, ଏହା ମୁଁ
କାର୍ କରିଇ କହିପାରେ ।

ଅବଶ୍ୟ ସେହି ଚେହେରା, ବେଶଭୂଷା ମଧ୍ୟ ଆଗପରି ।
ଉଚ୍ଚରେ ପ୍ରାୟ ସାଢ଼େ-ଛଅ ଫୁଟ, ନିଟୋଳ ସ୍ୱାସ୍ଥ୍ୟ,
ବସ୍ତରର ଚିହ୍ନ ସୁଦ୍ଧା ମୁହଁ କିମ୍ବା ଶରୀରର କୌଣସି ସ୍ଥାନରେ
ନାହିଁ ।

ଲମ୍ବା ଧରଣର ମୁହଁଟି । ମୁଣ୍ଡରେ ବାଳଗୁଡ଼ିକ ଘନକୃଷ୍ଣ ଓ
କୁଞ୍ଚିତ । ସରୁ ଲଲାଟ, ଭ୍ରୂ ଦୁଇଟି ଯଥେଷ୍ଟ ଘନ ।

ଆଖି ଦୁଇଟି ଗୋଲ, ପିଙ୍ଗଳବର୍ଣ୍ଣ, ତୀକ୍ଷ୍ଣତାରକା, ନାକଟି
ଷ୍ଟ୍ରା ପରି ସାମନା ଆଡ଼କୁ ବଢ଼ି ଆସିଛି । ଓଠ ଦୁଇଟି
ମୋଟା, ପତଳା ନିଶ ଦୁଇଟି ସଯତ୍ନ ରକ୍ଷିତ ।

ଦେହର ରଙ୍ଗ ବୋଧହୁଏ ସମ୍ପୂର୍ଣ୍ଣ ଶୁଭ୍ର ଥିଲା, ବର୍ତ୍ତମାନ
ତାହା ତମ୍ବା ରଙ୍ଗପରି ଦେଖାଯାଉଛି । ଧଳା ରଙ୍ଗର ଲଂସ୍ ଉପରେ
ଳା ଆଲପକାର କୋଟ୍ ଖଣ୍ଡିକ ପିନ୍ଧିଥାନ୍ତି । କୋଟ୍ ଖଣ୍ଡିକ
ଖିବାକୁ ଠିକ୍ ଓକିଲଙ୍କର କଳାକୋଟ୍ ପରି ।

ଗୋଡ଼ରେ ଡର୍ବି-ସୁ...

ଗୌତମ ବନ୍ଧୁଦାର ଓକିଲାତି କରନ୍ତି । ଫୌଜଦାରୀ
ମୋକଦ୍ଦମା ଗୁଡ଼ିକ ତାଙ୍କର ଏକଚେଟିଆ । ଅଳ୍ପ ପାରଶ୍ରମିକରେ

ଗ୍ରେଡ଼୍; ଧପାବାଜ୍, ପକେଟମାରୁ ଓ ଖୁଣୀମାନଙ୍କର କେସ୍ ଆନନ୍ଦସହିତ ଗ୍ରହଣ କରନ୍ତି ଓ ଅଧିକାଂଶ କ୍ଷେତ୍ରରେ ଯୁକ୍ତି ଦେଖାଇ ଆସାମୀମାନଙ୍କୁ ଉଦ୍ଧାର କରନ୍ତି ।

ହଁ, ଏଥର ମନେପଡ଼ୁଛି, କପରଶ୍ରବେ କେଉଁଠି ଏହି ଭଦ୍ରଲୋକ ସହିତ ମୋର ଦେଖା ହୋଇଥିଲା ।

ସୁରେନ୍ ଯେତେବେଳେ ଗୋଟିଏ ହତ୍ୟାର ପ୍ରଚେଷ୍ଟା ଅଭିଯୋଗରେ ଅଭିଯୁକ୍ତ ଆସାମୀ ହୋଇ ହଗୁଲିଜଲସ୍କୁ ଆନୀତ ହୋଇଥିଲା, ତା'ର ପକ୍ଷନେଇ ଗୌତମ ବନ୍ଧୁଦାର କୋର୍ଟରେ ଅପରପକ୍ଷକୁ ଜେରା କରୁଥିଲେ, ସେଇଠି ଦେଖିଛି ତାଙ୍କୁ ।

ସ୍ୱରେନ, ମାନେ ସୁରେନ୍ ଚୌଧୁରୀ···ଉଦୟପୁରରେ ଥିବାବେଳେ ଯାହା ସହିତ ମୋର ଘନିଷ୍ଠ ବନ୍ଧୁତ୍ୱ ଜନ୍ମିଥିଲା ।

ସେହି ସୁରେନ୍ ପ୍ରାଣଭରି ଭଲ ପାଉଥିଲା ଗୋଟିଏ ତରୁଣୀକୁ । ସୁରେନ୍ ଓ ସବିତା ଉଭୟଙ୍କର ବନ୍ଧୁତ୍ୱ ଦେଖି ମୁଁ ମଧ୍ୟ ବେଳେ ବେଳେ ହିଂସା କରୁଥିଲି ।

ଏହି ବନ୍ଧୁତ୍ୱ ସେମାନଙ୍କର ସ୍ମରଣା ହେଲେ ସୁଦ୍ଧା କାହିଁ ଯେ ତାଙ୍କର ବିବାହ ଏତେଦିନଯାଏ ହୋଇନାହିଁ ଏହା ଭାବି ମୁଁ ଆଶ୍ଚର୍ଯ୍ୟ ହୁଏ ।

ତଥାପି ଢନେହେଲେ ଏ ବିଷୟ ନେଇ ମୁଁ ସୁରେନ୍‌କୁ କେବେ କିଛି କହି ନାହିଁ ।

ସୁରେନ୍ କୌଣସି ଗୋଟିଏ ସ୍ୱଦେଶୀ ଅନୁଷ୍ଠାନରେ ଷ୍ଟୋର-କିପରଭାବେ କାର୍ଯ୍ୟ କରୁଥିଲା ଓ ଦୁଇଶ'ରୁ ଅଢ଼େଇଶ ପର୍ଯ୍ୟନ୍ତ ମାସକୁ ତାର ଦରମା ।

ସେ ଏକା, ସଂସାର ବନ୍ଧନରେ ସେ ଆବଦ୍ଧ ନୁହେଁ । ଭଲ ଘର ଖଣ୍ଡିଏ ଭଡ଼ା ନେଇ ନିଶ୍ଚିନ୍ତରେ ଥାଏ ସେ । ନିକଟରେ ଦୁଇ ତିନୋଟି ଭଦ୍ର ପରିବାର ମଧ୍ୟ ଘରଭଡ଼ା ନେଇଥାଆନ୍ତି ।

ପ୍ରାୟ ସେ ହୋଟେଲରେ ଖିଆପିଆ କରେ । କେବେ କେମିତି ଷ୍ଟୋଭ୍ କିମ୍ବା କୁକ୍‌ରରେ ରନ୍ଧି ନିଜେ ନିଜେ ଖାଏ । ଯେଉଁ ଘରଟି ସେ ଭଡ଼ା ନେଇଥାଏ, ଦୁଇଟିଯାକ ବଖରା ଭଲଭାବେ ସଜାଇ ରଖିଥାଏ—ଗୋଟାଏ ଶାନ୍ତିର ପରିବେଶ ସୃଷ୍ଟି ହୋଇଥାଏ ବଖରା ଦୁଇଟି ଭିତରେ ।

ସୁରେନ୍ ଚୌଧୁରୀ !

ସୁରେନ୍ ଚୌଧୁରୀ ସବିତାକୁ ଭଲପାଏ ଶୁଣିଲି ।

ଶୁଣିଲି ମାନେ, ସୁରେନ୍ ଚୌଧୁରୀ ହତ୍ୟାପରାଧରେ ଅଭିଯୁକ୍ତ ହୋଇ ଗ୍ରେପ୍ତାର ହେବାପରେ ଯେତେବେଳେ ମୋକଦ୍ଦମା ଚାଲିଲା, ମୁଁ ସେତେବେଳେ ବିଚାରାଳୟରେ ଉପସ୍ଥିତ ଥିଲି ।

ସେଇଠାରେ ଶୁଣିଲି, ସୁରେନ୍ ଭଲ ପାଉଥିଲା ସବିତାକୁ । ଉତ୍କଳିକା ବିଦ୍ୟାଳୟର ଦ୍ୱିତୀୟ ଶିକ୍ଷୟିତ୍ରୀ ସବିତା, ବୟସ ସେତେ ବେଶି ନୁହେଁ, କିନ୍ତୁ ପାଞ୍ଚବର୍ଷ ଯାଏ ଶିକ୍ଷୟିତ୍ରୀ କାର୍ଯ୍ୟକରି ଚେହେରାର ରୁକ୍ଷତା ଓ ନୀରସତା ଫୁଟି ଉଠିଥାଏ । କ୍ଳାନ୍ତ, ଅତୃପ୍ତ କ୍ଷୀଣଯୌବନର ଅବଶ୍ୟମ୍ଭାବୀ ରୁକ୍ଷତା ।

ଆଖିରେ ମୁହଁରେ ଯୌବନର ଅପରାହ୍ନ ଛାୟା ନଇଁ ଆସିଥିଲା, ତଥାପି ବିଧୁରା—ବେଶଭୂଷାରେ ବୈରାଗ୍ୟର ଚିହ୍ନ ପରିସ୍ଫୁଟ ହୋଇ ଉଠିଥାଏ ।

ଗୃହସ୍ଥ ପରିବାରର ଜ୍ୟେଷ୍ଠା କନ୍ୟା ସବିତା । ମାତ୍ର ୧୯ ବର୍ଷ ବୟସରେ ସବିତା ବି. ଏ. ପାଶ କରି ଡିସପ୍ରିସୀର ଗୃହଶିକ୍ଷୟିତ୍ରୀ କାମ ନେଇଥିଲେ କିରାଣୀ ପିତା ଏକାରେ ଦଳେ ପିଲାପିଲିଙ୍କୁ ନେଇ ସଂସାର ଚଳେଇବା ଯେ କଷ୍ଟକର ହୁଅନ୍ତା ତାହା ସହଜରେ ଅନୁମେୟ ।

ସବିତା ଏସବୁ ବିବେଚନା କରି ପ୍ରଥମ ଯୌବନରେ ସୁରେନ୍‌କୁ ଭଲପାଇଥିଲେ ସୁଦ୍ଧା ସ୍ୱାର୍ଥପର ପରି ସ୍ୱାମୀସହ ପୃଥକ୍‌ଭାବେ ରହିବାଲାଗି କେବେହେଲେ ମନସ୍ଥ କରିନାହିଁ । ବୋଧହୁଏ ଏହି କାରଣରୁ ବିବାହ ସେମାନଙ୍କର ହୋଇନାହିଁ, କିନ୍ତୁ ଉଭୟଙ୍କର ପ୍ରେମର ଆଦାନ ପ୍ରଦାନରେ କେବେହେଲେ ବାଧା ସୃଷ୍ଟି ହୋଇନାହିଁ । ଏହି ତୃପ୍ତି ଟିକକ ସେମାନଙ୍କୁ ସନ୍ତୁଷ୍ଟ କରିଥିଲା ।

ଏହିପରି ଭାବେ ଦିନଗୁଡ଼ିକ କଟି ଯାଉଥିଲା, ଏଣିକି ଆଉ ଚାଲିଲା ନାହିଁ । ଝଡ଼ ଉଠିଲା ଜୀବନ-ଆକାଶରେ, ପ୍ରଳୟଙ୍କରୀ ଝଡ଼ ।

ସେଦିନ ରବିବାର ଥାଏ ।

ପ୍ରତି ରବିବାର ଦିନ ଦି'ପହରବେଳେ ଘରେ ଖିଆପିଆ ଶେଷ କରି ସବିତା ସୁରେନ୍‌ର ବସାକୁ ଚାଲିଆସେ । ନଅ' ଘଣ୍ଟା ଯାଏ ଉଭୟେ କଥାବାର୍ତ୍ତା କରନ୍ତି । ରାତିରେ ନିଜ ଘରକୁ ଫେରିଆସେ ସବିତା । ସବିତା ଦୀର୍ଘ କେତେ ଘଣ୍ଟା ବାହାରେ ରୁହେ ବୋଲି କେହି କୌଣସି ଦିନ ଆପତ୍ତି ପ୍ରକାଶ କରିନାହାନ୍ତି । କାରଣ, ସବିତା ଓ ସୁରେନ୍‌ର ମିଳାମିଶା କଥା କାହାର ଅଗୋଚର ନଥିଲା ।

ଦିନେ ରବିବାର ସନ୍ଧ୍ୟାବେଳେ ସିନେମା ଦେଖି ସବିତା ସୁରେନ୍ ସାଙ୍ଗରେ ବସାକୁ ଫେରିଲା ।

ରାତି ଠିକ୍ ଗୋଟାଏ ବେଳେ ପଢ଼ଣାଘରୁ ରାଧାମୋହନବାବୁ ହଠାତ୍ ନାରୀକଣ୍ଠର ଆର୍ତ୍ତ ଚିତ୍କାର ଶୁଣି ବାହାରକୁ ଆସି ଦେଖିଲେ ସୁରେନ୍ ଚୌଧୁରୀର ଦରଜା ହାଁ-ମେଲା ହୋଇଅଛି, ଆଉ— ରକ୍ତାକ୍ତ ଆହତ ଗୋଟିଏ ନାରୀ ଅସହ୍ୟ ଯନ୍ତ୍ରଣା ହେତୁ ତଳେ ପଡ଼ି ଛଟପଟ ହେଉଛି ।

ସୁରେନ୍ ଘରେ ନାହିଁ ।

ସବିତାର ପିଠିରେ ଓ ବୁକୁରେ ଏକାଧିକ କ୍ଷତ ଚିହ୍ନ । ଲୁଗା, ବ୍ଲାଉଜ୍ ରକ୍ତରେ ଲାଲ୍ ହୋଇ ଉଠିଛି,—ନିକଟରେ ପଡ଼ିଛି ଖଣ୍ଡିଏ ରକ୍ତବୋଳା ଛୁରୀ ।

ରାଧାମୋହନବାବୁ ପ୍ରଥମେ ଘଟଣାଟିକୁ ବୁଝିପାରିଲେ ନାହିଁ, ସବିତାକୁ ମଧ୍ୟ କୌଣସି ପ୍ରଶ୍ନ ପଚାରି ପାରିଲେ ନାହିଁ । ଆକସ୍ମିକ ଘଟଣାରେ ସେ କିଂ-କର୍ତ୍ତବ୍ୟ-ବିମୂଢ଼ ହୋଇଯାଇଥିଲେ । ଉତ୍ତର ଦେବାଭଳି ଶକ୍ତି ମଧ୍ୟ ସବିତାର ସେତେବେଳେ ନଥିଲା ।

ସବିତାକୁ ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ପଠାଇବାର ବନ୍ଦୋବସ୍ତ କରି ରାଧାମୋହନବାବୁ ପୁଲିସ୍‌ରେ ସମ୍ବାଦ ଦେଲେ । ଯମ ଓ ମନୁଷ୍ୟ ଭିତରେ ଭିଡ଼ା-ଓଟରା ହୋଇ ଶେଷରେ ଦୁଇଦିନ ପରେ ସବିତାର ଚେତନା ଫେରିଆସିଲା ଏବଂ ସୁରେନ୍ ଯେ ତାକୁ ଆଘାତ କରିଛି, ପୁଲିସ୍ ଆଗରେ ଜମାନବନ୍ଦୀ ଦେବାପରେ ପୁଲିସ୍ ସୁରେନ୍‌ର ଅନୁସନ୍ଧାନରେ ଲାଗିଲେ ।

ସୁରେନ୍ ସେତେବେଳେ ଫେରାର ।

ମାସକ ପରେ ସବିତା ସମ୍ପୂର୍ଣ୍ଣ ସୁସ୍ଥତା ଲାଭକଲା । ପୂର୍ବର ସେ ସୌନ୍ଦର୍ଯ୍ୟ ନାହିଁ, ଅସ୍ଥିକଙ୍କାଳସାର ସବିତା । ପାଞ୍ଚଦିନ ପରେ ଜରିପଡ଼ା ଗ୍ରାମରେ ଧରାପଡ଼ିଲା ସୁରେନ୍ ।

ବିଚାର ଆରମ୍ଭ ହେଲା ଏଥର ।

ସୁରେନ୍‌ର ପକ୍ଷ ନେଇ ଠିଆ ହୋଇଥିଲେ ଏହି ଲୋକଟି— ଅର୍ଥାତ୍ ଉତ୍କଳ ଗୌତମ ବହ୍ମଦାର ।

ସବିତାକୁ ସେ ଆଘାତ କରିଛି କି ନାହିଁ, ପୁଲିସ୍ ଆଗରେ ତାହା ସ୍ପଷ୍ଟଭାବେ ସ୍ୱୀକାର ନକଲେ ସୁଦ୍ଧା ପାରିପାର୍ଶ୍ୱିକ ସାକ୍ଷ୍ୟ ଅନୁଯାଇ ସିଏ ଯେ ସବିତାକୁ ହତ୍ୟା କରିବାକୁ ବସିଥିଲା, ଏହି ଅପରାଧରେ ସରକାରୀ ପକ୍ଷ ତା ବିରୁଦ୍ଧରେ ମୋକଦ୍ଦମା ଚଳାଇଲେ । ସମ୍ବାଦପତ୍ର-ମାନଙ୍କରେ ଘଟଣାଟି ପ୍ରକାଶ ହେବା ପରେ ଗୋଟାଏ ଅଦମ୍ୟ କୌତୁହଳ ନେଇ ବିଚାର ଦିନ ମୁଁ ବିଚାରାଳୟରେ ଉପସ୍ଥିତ ଥିଲି ।

ସୁରେନ୍‌କୁ ମୁଁ ଭଲକରି ଚିହ୍ନେ । ସବିତାକୁ ସେ ନିଜତେ-ତୁର ଭଲପାଏ ଏହା ମଧ୍ୟ ମୁଁ ଜାଣେ, ଆଉ ସବିତା ଯେ ସେହି ପରିମାଣରେ ସୁରେନ୍‌କୁ ଭଲପାଏ ଏହା ମଧ୍ୟ ମୁଁ ଶୁଣିଛି ସୁରେନ୍ ମୁହଁରୁ । ଆଜି ବିଚାରାଳୟ ଭିତରେ ସବିତା ଆଡ଼େ ଚାହିଁ ମନେହେଲା ଆଖି ଦୁଇଟିରେ ତାର ଭରି ରହିଛି ଅସୀମ ଘୃଣା—

ସେହି ବର୍ଷାକ୍ତ ଘଣ୍ଟାରେ ସେ ଯେପରି ଭୟଙ୍କରଦେବ ସୁରେନ୍‌କୁ । ଦୀର୍ଘଦିନ ଏକାଠି ରହିବା ପରେ ଗୋଟାଏ ରାତି ଭିତରେ ହଠାତ୍ ଏପରି ପରିବର୍ତ୍ତନ ଘଟିଲା କିପରି ଏହାଭାବି ମୁଁ ଆଶ୍ଚର୍ଯ୍ୟ ହେଲି ।

ସୁରେନ୍‌କୁ ଚରମ ଶାସ୍ତି ଦେବାଲାଗି ସବିତା ଯେପରି ଦୃଢ଼ ପ୍ରତିଜ୍ଞା—କିନ୍ତୁ ସବିତା ପ୍ରତି ସୁରେନ୍ ଯେ ଏତେମାନ ବିଦ୍ୱେଷଭାବ ପ୍ରକାଶ କରୁନାହିଁ ଏହାହିଁ ପରମାଶ୍ଚର୍ଯ୍ୟ ବୋଲି ମନେହେଲା । କାଠଗଡ଼ା ଭିତରେ ଛିଡ଼ାହୋଇ ସେ ଏପରି ଭାବେ ସବିତାକୁ ଦେଖୁଥାଏ ଯେ ସେ ଦୃଷ୍ଟିରେ ଜଳୁଥାଏ ଗଭୀର ପ୍ରେମ ।

ସରକାରୀ ଓକିଲ୍ ଚିତ୍ତରଞ୍ଜନବାବୁ ଚିନାଦିନଯାଏ ଚେଷ୍ଟା କରି ଏପରି ପ୍ରମାଣ କରାଇଦେଲେ ଯେ ସୁରେନ୍ ପ୍ରକୃତରେ ସବିତାକୁ ହତ୍ୟାକରିବା ଲାଗି ଚେଷ୍ଟା କରିଥିଲା, ଏହା ବୁଝିବାରେ କାହାର ଅସୁବିଧା ହେଲନାହିଁ । ସବିତା ନିଶ୍ଚୟ ସେଦିନ ମୃତ୍ୟୁବରଣ କରିଥାନ୍ତା, ଭାଗ୍ୟକୁ ସେ ବଞ୍ଚିଯାଇଛି ।

ସବିତା ମଧ୍ୟ ସରକାରୀ ଓକିଲଙ୍କର ଉକ୍ତିକୁ ସମର୍ଥନ କରିଥିଲା । ତୀବ୍ରସ୍ୱର କଣ୍ଠରେ ସେ କହିଥିଲା—ନିଶ୍ଚୟ ସେଦିନ ରାତିରେ ସେ ମୋତେ ମାରିପକାଇଥାନ୍ତା,—ପଶୁ କଣ୍ଠୁତାନ ସେ...ଭକ୍ତି ଦୃଶ୍ୟ ଝରିପଡ଼ିଲା ସବିତାର କଣ୍ଠରୁ ।

ଆସାମୀ ତରଫର ଓକିଲ ଗୌତମ ବହିଦାର ଠିଆହୋଇ କାହାନୀ ସବିତାକୁ ପ୍ରଶ୍ନକଲେ...

—ଆପଣଙ୍କର ନାମ ସବିତା ଦେବୀ ?

—ହଁ ।

ସୁରେନ୍‌ଙ୍କୁ ଦେଖାଇ ଦ୍ୱିତୀୟ ପ୍ରଶ୍ନ କଲେ—ଏହାଙ୍କୁ ଆପଣ ଚିହ୍ନନ୍ତି ?

—ନଚିହ୍ନିବି କିପରି ?…କଣ୍ଠସ୍ୱରରେ ବ୍ୟଙ୍ଗତା ପରିପୂର୍ଣ୍ଣ ।

—କେତେଦିନ ହେଲା ଚିହ୍ନିଛନ୍ତି ?

—ଛଅ ବର୍ଷରୁ ବେଶୀ ହେବ ।

—ସୁରେନ୍‌ବାବୁ କୋର୍ଟରେ କହୁଛନ୍ତି, ନିଜର ପ୍ରାଣ ଅପେକ୍ଷା ସେ ଆପଣଙ୍କୁ ଅଧିକ ଭଲପାଆନ୍ତି । ଆଉ ଆପଣ ଯେ ତାଙ୍କୁ ଖୁବ୍ ଭଲପାଆନ୍ତି ଏକଥା ମୁଁ ଅନେକଙ୍କ ମୁହଁରୁ ଶୁଣିଛି ।

—ଆପଣ ଠିକ୍ ଶୁଣିଛନ୍ତି । ଖୁବ୍ ତାଙ୍କୁ ଭଲପାଉଥିଲି । ସେତେବେଳେ କଣ ଜାଣିପାରିଥିଲି ଯେ କଲିକତା ଏତେ ନୀଚ, ପଶୁଠାରୁ ଆହୁରି ଅଧମ ବୋଲି ! ବିରକ୍ତି,…ଘୃଣା ସବୁ ଆସି ଠୁଳ ହେଲା ସବିତାର ମୁହଁର ଭଙ୍ଗୀରେ ।

—ତାହାହେଲେ ଆପଣ ତାଙ୍କୁ ଭଲପାଆନ୍ତି ? ଠିକ୍ ତାଙ୍କ ପରି ପ୍ରାଣ ଅପେକ୍ଷା ଅଧିକ ଭଲପାଆନ୍ତି, ନୁହେଁ ସବିତା ଦେବୀ ?

—ଭଲ ପାଉଥିଲି, ବର୍ତ୍ତମାନ ଆଉ ଭଲପାଏନା ।

—ନିଶ୍ଚୟ ଭଲପାଆନ୍ତି ।

—ନା ।

—ଏହା ଆପଣଙ୍କର ଅନ୍ତରର କଥା ନୁହେଁ, ସବିତା ଦେବୀ ! ଛଅ ବର୍ଷକାଳ ଯାହାଙ୍କୁ ଭଲପାଇ ଆସିଲେ, ତୁଚ୍ଛ ଟିକିଏ ମାନ ଅଭିମାନ ପାଇଁ ତାହାଙ୍କୁ କେବେ ଆପଣ ଭୁଲିଯାଇ ପାରନ୍ତି ? ଏହା କି କେବେ ସମ୍ଭବ ହୋଇପାରେ ?

—ତୁଚ୍ଛ ମାନ ଅଭିମାନ ବୋଲି ଆପଣ କିପରି ଜାଣିଲେ ? କିଏ ଆପଣଙ୍କୁ କହୁଛି ?

—ଆପଣ କହୁଛନ୍ତି । ଆପଣଙ୍କର କଥାବାର୍ତ୍ତାରୁ ଜଣାପଡୁଛି ।

କାଦମ୍ବିନୀ ପକ୍ଷରୁ ଓଜ୍ଜ୍ୱଳ ଠିଆହୋଇ କହିଲେ—ଇଓର ଅନର୍ ! ଏପରି ପ୍ରଶ୍ନ କରିବା ଅନ୍ୟାୟ ବୋଲି ମୁଁ ପ୍ରତିବାଦ କରୁଛି ।

ମୃଦୁହସି ଗୌତମ ବହିଦାର ପୁନର୍ବାର ଜେରା କଲେ—ସବିତା ଦେବୀ, ଯେଉଁ ଚୁଡ଼ିଟିରେ ଆପଣ ଆହତ ହୋଇଥିଲେ, ସେହି ଚୁଡ଼ିଟିକୁ ଦେଖିଲେ ଚିହ୍ନି ପାରିବେ ତ' ?

—ଠିକ୍ କରି କହିପାରୁନାହିଁ ।

ଟେବୁଲ ଉପରୁ ଚୁଡ଼ିଟିକୁ ଆଣି ସବିତାର ଦୃଷ୍ଟି ଆକର୍ଷଣ କରାଇ କହିଲେ—କହନ୍ତୁ ତ', ଏଇ ଚୁଡ଼ିଟି କି ନୁହେଁ ?

—ହୋଇପାରେ…

—ହୋଇପାରେ ନୁହେଁ, ଏଇ ଚୁଡ଼ିଟି । ଆଜି ମଧ୍ୟ ଏହି ଅସ୍ତ୍ରଟିକୁ ଆପଣ ଖୁବ୍ ଭଲଭାବେ ଚିହ୍ନନ୍ତି, ଯେହେତୁ ଏହି ବସ୍ତୁଟି ଆପଣଙ୍କର—ଆପଣଙ୍କର ସମ୍ପତ୍ତି ।

ସବିତା ବିମୂଢ଼ ବିହ୍ୱଳ ହୋଇ ଅପଲକ ଦୃଷ୍ଟିରେ ଦେଖିବାକୁ ଲଗିଲା…ଗୌତମ ବହିଦାରଙ୍କୁ ।

ଗୌତମ ବହିଦାର ହସିହସି କହିଲେ—ମୋ କଥାର ଉତ୍ତର ଦିଅନ୍ତୁ, ସବିତାଦେବୀ !

—ହଁ, ଛୁରୀ ଖଣ୍ଡିକ ମୋର···କ୍ଷୀଣ କଣ୍ଠରେ ଉତ୍ତର ଦେଲା ସବିତା ।

—ତାହାହେଲେ ଏଥର କହନ୍ତୁ, ସବିତା ଦେବୀ···କାହିଁକି ଆପଣ ଛୁରୀଟିକୁ ଭ୍ୟାନିଟି ବ୍ୟାଗ୍ ଭିତରେ ରଖି ସେଦିନ ସାଙ୍ଗରେ ଆଣିଥିଲେ ?

—ମୁଁ ସେଦିନ ଛୁରୀ ସାଙ୍ଗରେ ନେଇ ନଥିଲି···

—ତେବେ, ଆଗରୁ ବୋଧହୁଏ ସୁରେନ୍‌ବାବୁଙ୍କ ଘରେ ରଖିଥିଲେ ?

—କହିଲିତ', ଛୁରୀ ମୁଁ ସାଙ୍ଗରେ ନେଇ ନଥିଲି ।

—ତାହାହେଲେ ସୁରେନ୍‌ବାବୁ ନିଶ୍ଚୟ ଆପଣଙ୍କର ଅଜାଣତରେ କିମ୍ବା ଆପଣଙ୍କୁ କହି ଛୁରୀଟିକୁ ଆପଣଙ୍କ ଘରୁ ଆଣିଛନ୍ତି ।

—ବୋଧହୁଏ ସେଇଆ ।

—ବେଶ୍ । ଛୁରୀଟିକୁ ଆପଣ କେଉଁଠାରେ ରଖିଥିଲେ ?

—ମୋ ଘରର ଆଲମାରିର ଡ୍ରୟାର ଭିତରେ ଥିଲା ।

—ଆଲମାରିରେ ଚାବି ଦିଆ ହେଉଥିଲା ନିଶ୍ଚୟ ।

—ହଁ ।

—ଚାବିକାଠି କିଏ ରଖନ୍ତି ?

—ଚାବି ମୋର ଡ୍ରେସିଂଟେବୁଲର ଡ୍ରୟାର ଭିତରେ ଥାଏ ।

—ଏହି ଦୁର୍ଘଟଣା ଘଟିବା ଆଗରୁ କେବେ ଶେଷଥର ପାଇଁ ଛୁରୀଟିକୁ ଦେଖିଥିଲେ ମନେ ଅଛି ?

—ପ୍ରାୟ ଏକ ସପ୍ତାହ ପୂର୍ବରୁ ।

—ଯେତେଦୂର ଜାଣେ, ଦୁର୍ଘଟଣା ଘଟିବା ମାସକ ଆଗରୁ ଦୁର୍ଘଟଣା ଘଟିବା ପର୍ଯ୍ୟନ୍ତ ସୁରେନ୍‌ବାବୁ ଦିନେ ହେଲେ ସୁଦ୍ଧା ଆପଣଙ୍କ ଘରକୁ ଯାଇନାହାନ୍ତି । ଏହା କଣ ସତ୍ୟ ?

—ହଁ, ସତ୍ୟ ।

—ଠିକ୍ କହୁଛନ୍ତି ? ଭାବି ଚିନ୍ତି ଉତ୍ତର ଦିଅନ୍ତୁ ସବିତା-ଦେବୀ !

—ଠିକ୍ ମନେ ଅଛି, ସେ ଆଦୌ ଯାଇନାହାନ୍ତି ।

—ଆଗେ ସେ ପ୍ରାୟ ଆପଣଙ୍କ ଘରକୁ ଯା-ଆସ କରୁଥିଲେ, ଏକଥା ଠିକ୍ ?

—ଠିକ୍ ।

—ସପ୍ତାହରେ ଅନ୍ତତଃ ଥରେ ହେଲେ ନିଶ୍ଚୟ, ନୁହେଁ କି ?

—ଆପଣଙ୍କ କଥା ଠିକ୍ ।

—ତେବେ ମାସେ ହେଲା ତାଙ୍କର ନଯିବାର କାରଣ ?

—ସେ ମୋତେ—

—କହନ୍ତୁ, କହନ୍ତୁ—ବନ୍ଦ କଲେ କାହିଁକି ?

—ମୋତେ ବିବାହ ହେବେ ବୋଲି କହୁଥିଲେ । ବାବାଙ୍କୁ ମଧ୍ୟ ଏକଥା ଜଣାଥିଲା । କିନ୍ତୁ ବାବା ବାରଣ କରିଥିଲେ ବୋଲି ବୋଧହୁଏ ଅଭିମାନରେ ସେ ଯାଇନାହାନ୍ତି ।

—ଦୁର୍ଘଟଣା ଘଟିବା ଏକ ସପ୍ତାହ ପୂର୍ବରୁ ଛୁରୀଟିକୁ ଆପଣ ଦେଖିଥିଲେ, ଦୁର୍ଘଟଣା ଘଟିବା ମାସକ ଆଗରୁ ସେ ଆପଣଙ୍କ ଘରକୁ ଯିବା-ଆସିବା ବନ୍ଦ କରି ଦେଇଥିଲେ—ତାହାହେଲେ ସୁରେନ୍ଦ୍ରବାବୁ ଆପଣଙ୍କର ଅଜାଣତରେ କିମ୍ବା ଆପଣଙ୍କୁ କହି ଛୁରୀଖଣ୍ଡିକ ସେ ଆପଣଙ୍କ ଘରୁ ଆଣିନାହାନ୍ତି ଏହା ଠିକ୍ । ଏ ବିଷୟରେ ଆପଣଙ୍କର ଆଉ କିଛି କହିବାର ଅଛି ?—

—ନା, ଆଉ କିଛି କହିବାର ନାହିଁ ।

—ତାହାହେଲେ ଛୁରୀଟିକୁ ଆପଣ ସାଙ୍ଗରେ ନେଇ-ଯାଇଥିଲେ ?

—ନା ।

ଗୌତମ ବଡ଼ୁଆଙ୍କର ଅଧରପ୍ରାନ୍ତରେ ମୃଦୁ ହସଟି ମିଳାଇଗଲା ।

ପରଦିନ ଗୌତମ ବଡ଼ୁଆ ପ୍ରଶ୍ନ କଲେ— ସୁଧା ଦେବୀ ! ଦୁର୍ଘଟଣା ଘଟିବା ଦଶଦିନ ପୂର୍ବରୁ ଦିନେ ଆପଣ ଡାକ୍ତର ଦାସଙ୍କର ମେଟରନିଟି-ନର୍ସିଂ-ହୋମ୍‌କୁ ଯାଇଥିଲେ ତାହା କି ସ୍ୱୀକାର କରିପାରିବେ ?—

—ମୁଁ ଯାଇଥିଲି ବୋଲି କିଏ ଏସବୁ ଆପଣଙ୍କୁ କହିଛି ?

—ଘଟଣାଟି ସତ୍ୟ କି ନୁହେଁ ଏତିକି ମୁଁ ଶୁଣିବାକୁ ଚାହେଁ, ସବିତାଦେବୀ !

ହଁ, ଯାଇଥିଲି ।

—କାହିଁକି ଯାଇଥିଲେ ?

—ମୋର ବ୍ୟକ୍ତିଗତ ପ୍ରୟୋଜନ ଥିଲା । ପ୍ରୟୋଜନଟା କଣ ତାହା ମୁଁ କହିବାକୁ ବାଧ୍ୟ ନୁହେଁ ।

ଗୌତମ ବହୁଦାର ପୁନର୍ବାର ହସିଲେ ।

—ସବିତାଦେବୀ ! ପ୍ରେମନାଥ ସିଂହ ବୋଲି କୌଣସି ଭଦ୍ରଲୋକଙ୍କୁ ଆପଣ ଚିହ୍ନନ୍ତି କି ?

—କେଉଁ ପ୍ରେମନାଥ ସିଂହଙ୍କ କଥା କହୁଛନ୍ତି ଆପଣ ?

—ଆପଣଙ୍କର ଦୂର ସମ୍ପର୍କୀୟ ଜଣେ ଆତ୍ମୀୟ । ଆପଣଙ୍କର ମାଉସୀଝିଅ ଭଉଣୀର ସ୍ୱାମୀଙ୍କର ପ୍ରୋଟେଗେ —

—ଚିହ୍ନେ । କେବେ କେମିତି ସେ ଆମ ଘରକୁ ଆସନ୍ତି ।

—ପ୍ରେମନାଥ ବାବୁ ଅବିବାହିତ ନିଶ୍ଚୟ !

—ହଁ ।

—କେତେଦିନ ହେଲା ଆପଣ ସନ୍ଧ୍ୟାବେଳେ କେବେ ସକାଳେ ମଧ୍ୟ ତାଙ୍କ ସାଙ୍ଗରେ ବାହାରେ ବୁଲାବୁଲି କରୁଛନ୍ତି—

—ଏସବୁ ମିଛ କଥା ।

—ନା, ମିଛ ନୁହେଁ । ଏହି କାରଣରୁ ପ୍ରାୟ ଛଅ ମାସ ହେଲା ସୁରେନ୍‌ବାବୁଙ୍କ ସାଙ୍ଗରେ ଆପଣଙ୍କର ମନର ଅମେଳ ଘଟିଥିଲା…

—ସେଦିନ ରାତ ପର୍ଯ୍ୟନ୍ତ, ଅର୍ଥାତ୍ ତା ବସାରୁ ବାହାର ଆସିବାବେଳେ ଅତର୍କିତ ଭାବେ ପଛରୁ ଛୁରିକାଘାତ କରିବା ପର୍ଯ୍ୟନ୍ତ ତା' ସହିତ ମନର ଅମେଳ କେବେ ମୋର ହୋଇନାହିଁ ।

ନିଶବ୍ଦରେ ପୁଣି ଥରେ ହସିଲେ ଗୌତମ ବହ୍ମଦାର ।

—ତାହାହେଲେ ଶିବବାବୁଙ୍କ ସଙ୍ଗରେ ସେତେବେଳେ ଆପଣଙ୍କର ମନର ଅମେଳ ଘଟିଥିଲା କି ?...ଅତର୍କିତଭାବେ ପ୍ରଶ୍ନ କଲେ ଗୌତମ ବହ୍ମଦାର ।

—ଇଓର୍ ଅନର୍, ଏପରି ଅବାନ୍ତର ପ୍ରଶ୍ନ ପଚରାଯିବା ହେତୁ ମୁଁ ଆପତ୍ତି ଜଣାଇବାକୁ ବାଧ୍ୟ ହେଉଛି...ବିପକ୍ଷ ପକ୍ଷର ଉକିଲ ଠିଆ ହୋଇ କହିଲେ ।

ପ୍ରତିପକ୍ଷ ଆଡ଼େ ଚାହିଁ ପୁଣି ଥରେ ଗୌତମ ବହ୍ମଦାର ହସିଲେ । ପର ମୁହୂର୍ତ୍ତରେ ନିଃଶବ୍ଦରେ କେତେଖଣ୍ଡ ଚିଠି ଫାଇଲରୁ ବାହାର କରି ସବିତାକୁ ଦେଖାଇ କହିଲେ—ସବିତା ଦେବୀ, ଏହି ଚିଠିଗୁଡ଼ିକ ଆପଣ ନିଜ ହାତରେ ଲେଖିଛନ୍ତି—କୋର୍ଟରେ ତାହା ଅସ୍ୱୀକାର କରିବେ ନାହିଁ ଯେପରି...

ସବିତା ଭୀତ ଓ ନିଷ୍ପ୍ରଭ ଦେଖାଗଲା । କମ୍ପିତ କଣ୍ଠରେ ପ୍ରଶ୍ନ କଲା—କାହାର ଚିଠି ?

ପ୍ରେମନାଥ ବାବୁଙ୍କ ପାଖକୁ ଲେଖା ହୋଇଥିବା ଆପଣଙ୍କର ଚିଠି, ଦେଖିବେ ? ଆପଣ ସେତେବେଳେ ଅନ୍ତଃସତ୍ତ୍ୱା ଥିଲେ—

ଦେଖୁ ଦେଖୁ ଗୋଟାଏ ଦୀର୍ଘ ଚିତ୍କାର କରି କାଠଗଡ଼ା ଭିତରେ ଅଜ୍ଞାନ ହୋଇ ପଡ଼ିଗଲା ସବିତା—ଗୌତମ ବହ୍ମଦାର ପୁଣି ଥରେ ହସିଲେ ।

ଗୌତମ କହୁଦାର ପ୍ରମାଣ କଲେ, ସୁରେନ୍ ସହିତ ଘନିଷ୍ଠଭାବେ ମିଳାମିଶା କରିବା ଭିତରେ ସବିତା ଦେବୀ ସହରର ଜଣେ ବଶିଷ୍ଟ ବ୍ୟବସାୟୀ ପ୍ରେମନାଥଙ୍କ ପ୍ରେମରେ ପଡ଼ିଥିଲେ ଓ ସନ୍ତାନ ସମ୍ଭବା ମଧ୍ୟ ହୋଇଥିଲେ । ଏହି ବିପଦରୁ ଉଦ୍ଧାର କରିବାଲାଗି ସେ ପ୍ରେମନାଥଙ୍କୁ ଅନୁରୋଧ କରି କେତେଖଣ୍ଡ ପତ୍ର ଲେଖିଥିଲେ—ଚିଠିପାଇ ପ୍ରେମନାଥ କୌଣସି ଉତ୍ତର ଦେଇନାହିଁ, କାରଣ ତାର ପ୍ରକୃତି ଏହିପରି । ଅନ୍ୟ ଉପାୟ ନପାଇ ସବିତା ସୁରେନ୍‌ର ଶରଣାପନ୍ନ ହେଲେ । ସୁରେନ ଆଗରୁ ସନ୍ଦେହ କରୁଥିଲା ସବିତାଙ୍କୁ, ତେଣୁ ସେ ମଧ୍ୟ ସବିତାର କଥାରେ କାନ ଦେଲା ନାହିଁ

ଦୁର୍ଘଟଣା ଦିନ ରାତିରେ ସିନେମା ଦେଖିସାରି ଆସିବା ପରେ ଏହି ବିଷୟ ନେଇ ଉଭୟଙ୍କ ମଧ୍ୟରେ ଭୀଷଣଭାବେ କଳହ ଆରମ୍ଭ ହୋଇଥିଲା ।

ଗୌତମ ବହିଦାରଙ୍କ ସହିତ ପ୍ରେମନାଥର ବନ୍ଧୁତା ଥିବାଯୋଗୁଁ ସବିତାର ଲେଖା ଚିଠିଗୁଡ଼ିକ ପ୍ରେମନାଥ ପାଖରୁ ସେ ଆଣିପାରିଥିଲେ । ସୁରେନ୍‌କୁ ଜେରାକରି ପରେ ଘଟଣାଟିକୁ ସେ ଭଲଭାବେ ବୁଝିନେଲେ । ସୁରେନ୍ ପ୍ରଥମେ କିଛି ସ୍ୱୀକାର କଲାନାହିଁ, ପରେ କିନ୍ତୁ ପ୍ରକୃତ କଥା କହିବାକୁ ବାଧ୍ୟ ହୋଇଥିଲା ।

ସେଦିନ ରାତିରେ ଯାହା ଘଟିଥିଲା ତାହା ହେଉଛି—

ସବିତା ଚିତ୍କାର କରି କହିଥିଲା—ତୁମେ ତାହାହେଲେ ମୋତେ ଏ ବିପଦରୁ ରକ୍ଷାକରିବ ନାହିଁ ?

ସୁରେନ୍ କହୁଥିଲା—କହୁଲତା, ଯଦି ଅର୍ଥ ସାହାଯ୍ୟ ଚାହଁ ମୁ ଦେବାକୁ ପ୍ରସ୍ତୁତ···କିନ୍ତୁ ତୁମକୁ ବିବାହ କରିବା ମୋ' ପକ୍ଷରେ ଆଦୌ ସମ୍ଭବ ନୁହେଁ···

—ତାହାହେଲେ ତୁମେ ବିବାହ କରିବାକୁ ରାଜିନୁହଁ ?

—ନା । କୌଣସିଦିନ, କୌଣସି କାରଣ ବଶତଃ ତୁମକୁ ବିବାହ କରିବା କଥା ମୁଁ ଚିନ୍ତା କରିପାରୁନାହିଁ ।

—ବର୍ତ୍ତମାନ ଏକଥା କହୁଛ କାହିଁକି ? ମୋତେ ବିପଦ ମୁହଁକୁ ଠେଲିଦେଇ···

—ମୁଁ ତୁମକୁ ବିପଦ ମୁହଁକୁ ଠେଲି ଦେଇଛି ? ନିଜ ଛାତିରେ ହାତ ଦେଇ ତୁମେ ଏକଥା କହିପାରିବ ?

—ନିର୍ଲଜ୍ଜଙ୍କ ପରି ଏକଥା ଉଚ୍ଚାରଣ କରୁଛ ତୁମେ । କିଏ ଆଜି ମୋର ଏପରି ଅବସ୍ଥା କରିଛି ଶୁଣେ ?—

—କିଏ କରିଛି ତାହା ତୁମ ମୁହଁରୁ ଶୁଣିବାପାଇଁ ଆଜି ତୁମକୁ ଡାକିଥିଲି, ସବିତା ! କାରଣ ଆଜିଯାଏ ତୁମର ମୋର ଭିତରେ ଯେଉଁ ସମ୍ବନ୍ଧଟି ଚାଲିଆସୁଥିଲା, ଆଜି ଯେତେବେଳେ ସେହି ସମ୍ବନ୍ଧର ପରିସମାପ୍ତି ଘଟିବାକୁ ଯାଉଛି···

—ସୁରେନ୍ ବାବୁ !

—କିପରି ଭାବେ କଥାଟିକୁ ପକାଇବି ସେଇ କଥା ଭାବୁଥିଲି । ଯାହାହେଉ, ନିଜେ କଥାଟିକୁ ପକାଇ ଘଟଣାଟି ଖୁବ ସହଜ କରି ଆଣିଛ ।

ପର ମୁହୂର୍ତ୍ତରେ ଅନ୍ଧ ଆକ୍ରୋଶର ତାଡ଼ନାରେ ଭେନିଟି ବ୍ୟାଗ ଭିତରୁ ଛୁରିଟିକୁ ବାହାରିକରି ସୁରେନ୍‌କୁ ଆଘାତ କରିବାଲାଗି

ଉଦ୍ଦୀତ ହୋଇଥିଲ ସବିତା, କିନ୍ତୁ ସୁରେନ୍‌କୁ ସେ ବାଗରେ ପାଇ ନଥିଲା ।

ସୁରେନ୍ ଧକ୍‌କା ମାରି ସବିତାକୁ ଆଡ଼େଇ ସରୁ ବାହାରି ଆସିଥିଲା ଏବଂ ସୁରେନ୍ ବାହାରି ଆସିବା ପରେ ପରେ ନିଷ୍ଫଳ ଆକ୍ରୋଶରେ ଉତ୍ତେଜିତ ହୋଇ ନିଜ ଦେହରେ ନିଜେ ଛୁରିକା-ଘାତ କରିଥିଲ ସବିତା ଓ ଯନ୍ତଣା ସହ୍ୟ କରି ନପାରି ଚିତ୍କାର କରି ତଳେ ପଡ଼ି ଛଟପଟ ହେଉଥିଲା ସେ ।

× × ×

ତଥିଁ ଆରଦିନ ବିଗ୍ଚାରସଭାରେ ସବିତାର ଆଘାତଗୁଡ଼ିକ ସ୍ୱୟଂକୃତ ବୋଲି କହି ଅନ୍ୟ କୌଣସି ଡ଼ାକ୍ତର ଦ୍ୱାରା ତାହା ପରୀକ୍ଷା କରାଇବା ପାଇଁ ଗୌତମ ବହ୍ନିଦାର କହିଥିଲେ ଓ ତାଙ୍କ କଥାରେ ପ୍ରତିବାଦ କରି ସରକାରୀ ଉକିଲ କହିଥିଲେ—ପୁଲିସ ସର୍ଜନର ରିପୋର୍ଟରେ କଣ ଲେଖିଛନ୍ତି ତାହା ଆପଣ ନିଶ୍ଚୟ ଜାଣିଛନ୍ତି, ମିଃ ବହ୍ନିଦାର !—

—ନିଶ୍ଚୟ ଜାଣେ । ସବିତା ଦେବୀ ଆପଣଙ୍କର ଆତ୍ମୀୟା-ଆପଣଙ୍କ ଭଉଣୀର କନ୍ୟା, ଏହା ମଧ୍ୟ ଆମ୍ଭେମାନେ ଜାଣୁ ।

ଗୌତମ ବହ୍ନିଦାରଙ୍କ ଯୋଗୁଁ ସୁରେନ୍ ଚୌଧୁରୀ ମୁକ୍ତିଲାଭ କଲା ।

ସେହିଭଳି ଗୌତମ ବନ୍ଧୁଦାରଙ୍କୁ ଦେଖି ଚିହ୍ନା-ଚିହ୍ନା ମନେ ହେଲେ ସୁଦ୍ଧା କେବେ କେଉଁଠି ଦେଖିଛି ହଠାତ୍ ତାହା ସ୍ମରଣ କରିପାରିଲି ନାହିଁ । ମାତ୍ର ସୁଟରଙ୍କ ନାଁ ଧରୁଣୁ କଥା ମନେପଡ଼ିବା ମାତ୍ରକେ ଲେଖକଙ୍କି ଯେ ନିହାତି ଅପରିଚିତ ନୁହେଁ ଏହା ମନେହେଲା—ନାମଟି ମଧ୍ୟ ମନେ ପଡ଼ିଲା ।

ଗୌତମ ବନ୍ଧୁଦାର—ସାଧାରଣ ଆଇନଜୀବୀ ନୁହନ୍ତି··· ବିଖ୍ୟାତ ବ୍ୟକ୍ତି ସେ ।

ତାହାଙ୍କୁ ଦେଖାଣି ମନେହେଲା ଏପରି ବିଖ୍ୟାତ ବ୍ୟକ୍ତି ସହିତ ଆଳାପ ପରିଚୟ ନହେଲେ ମନର ବିଶେଷ ଆକାଂକ୍ଷାଟି ଅପୂର୍ଣ୍ଣ ରହିଯିବ ଯେପରି···

ତା' ପରଦିନ ବଜାରରୁ ନିଜପାଇଁ କିଛି ଷ୍ଟେସନେରୀ କିଣି ଗୌତମ ବନ୍ଧୁଦାରଙ୍କର ଠିକଣାଟି ଜଣେ ଦୋକାନୀଙ୍କ ପାଖରୁ ବୁଝିନେଇ ଘଣ୍ଟାଏ ପରେ ଆସି ଦେଖାକଲି ।

ବାହାର ଘରେ ବସି କୌଣସି ଗୋଟିଏ ମୋକଦ୍ଦମାର ନଥିପତ୍ର ଦେଖୁଥିଲେ ଗୌତମବାବୁ, ପର୍ଦ୍ଦା ଆଡ଼େଇ ଘର ଭିତରେ ଗୋଡ଼ଦେବା ମାତ୍ରେ ସେ ମୋ ଆଡ଼କୁ ଚାହିଁ କହିଲେ· କିଏ ?···

କହିଲି—ଆପଣ ମୋତେ ଚିହ୍ନି ପାରିବେ ନାହିଁ, ସାର୍ !

—କଣ ପାଇଁ ଆସିଛନ୍ତି ?

—ଆପଣଙ୍କ ସାଙ୍ଗରେ ଆଳାପ କରିବାକୁ ଆସିଛି ।

—କାହାରି ସାଙ୍ଗରେ ମୁଁ ଅଳାପ କରେନା...

—କିନ୍ତୁ...

—ଗ୍ରେସି, ଭାଲିପ୍ରୁଡ, ଖୁଣ୍ ଏହିପରି ଗୋଟାଏ କିଛି କରି ଆସନ୍ତୁ, ଆପଣଙ୍କ ସାଙ୍ଗରେ ଆଳାପ କରିବାକୁ ମୁଁ ପ୍ରସ୍ତୁତ ।

—ଗ୍ରେସ, ଭାଲିପ୍ରୁଡ୍, ଖୁଣୀ ଛଡ଼ା ଆପଣ ଆଉ କାହାରି ସହିତ ଆଳାପ ପରିଚୟ ହୁଅନ୍ତି ନାହିଁ ?—

—ନା...

—କାରଣ କଣ ?

—ଗ୍ରେସି, ଭାଲିପ୍ରୁଡ କିମ୍ବା ଖୁଣ୍ କରି ଆସନ୍ତୁ, ଶୁଣିବେ... କହି ମୁହଁ ତଳକୁ କରି ପୁନର୍ବାର ନଥିପତ୍ର ଦେଖିବାକୁ ଲାଗିଲେ । ଅଗତ୍ୟା ମୋତେ ଫେରିବାକୁ ହେଲା ।

ପର୍ଦ୍ଦାଟିକୁ ଆଡ଼େଇବାକୁ ବସିଛି କାନ୍ଥ ଉପରେ ଲେଖା ହୋଇଥିବା କେତୋଟି ବାକ୍ୟ ଉପରେ ମୋର ଦୃଷ୍ଟି ପଡ଼ିଲା, ଏବଂ କୌତୁହଳ ହୋଇ ମୁଁ ତାହା ପଢ଼ିବାକୁ ଲାଗିଲି ।

ପ୍ରଥମ ଧାଡ଼ିରେ ଲେଖା ହୋଇଥାଏ—ଗ୍ରେସି କହିଛି, କ୍ଷତି କଣ ! ସମସ୍ତେ' ଗ୍ରେସି କରନ୍ତୁ ।

ଦ୍ୱିତୀୟ ଧାଡ଼ିରେ ଲେଖା—ଭାଲିପ୍ରୁଡ କହିଛି, ବୁଦ୍ଧି ତୁମର ଅଛି । ବୁଦ୍ଧିମାନମାନେ ଭାଲିପ୍ରୁଡ କରନ୍ତୁ ।

ଏବଂ ତୃତୀୟ ଧାଡ଼ିରେ ଲେଖାଥାଏ—ତୁମେ ହତ୍ୟା କରିଛ ? ଏଥିପାଇଁ ଭୟ କରୁଛ କାହିଁକି ? ସମସ୍ତେ କଣ ହତ୍ୟା କରିପାରନ୍ତି ?

ଶେଷ ଧାଡ଼ିରେ ଲେଖା ହୋଇଛି—ଚିନ୍ତା ଦୂର କର । ମୁଁ ତୁମ୍ଭମାନଙ୍କପାଇଁ ଅଛି···

ନିଜର ଅଜ୍ଞାତରେ ଆଉଥରେ ପତ୍ରକୁ ଚାହିଁ ଦେଖିଲି, ଗୌତମ ବହିଦାର ଚେୟାରଟିରେ ବସି ସେହିପରି ଭାବେ ନଥି ପତ୍ର ଖେଳାଉଛନ୍ତି । ଫେରିଯିବ ବୋଲି ଗୋଟିଏ ଗୋଡ଼ ଆଗକୁ ବଢ଼ାଇଛି, ହଠାତ୍ ସେ ପଛରୁ ଡାକି କହିଲେ—ଶୁଣି ଯାଆନ୍ତୁ···

ତାଙ୍କ ଆଡ଼କୁ ଟିକିଏ ଆଗେଇ ଆସିଲି ।

—ସୁରେନ୍ ଚୌଧୁରୀ ମୋକଦ୍ଦମା ବେଳେ ଆପଣଙ୍କୁ ଅଦାଲତରେ ଦେଖିଛି ବୋଲି ମନେପଡ଼ୁଛି ? ଗୌତମ ବହିଦାର କହିଲେ···

—ଦେଖିଥିବେ । ସୁରେନ୍ ମୋର ବନ୍ଧୁ···ତେଣୁ ମୁଁ

ବାଧାଦେଇ ସେ କହିଲେ—ବନ୍ଧୁ···ଅଦ୍ଭୁତ ହସ ହସିଲେ ଗୌତମବାବୁ ।

—ହଁ ।

—ତାଙ୍କ କଥା କିଛି ପଚାରିବାକୁ ଆସିଥିଲେ କି ?

ନା-ନା, ପଚାରିବି ଆଉ କଣ ! ସେତ' ମୁକ୍ତି ପାଇଛି । ସେ ନିର୍ଦ୍ଦୋଷ ବୋଲି ଆପଣ ଅଦାଲତରେ ପ୍ରମାଣ କରି ସାରିଛନ୍ତି ।

—ପ୍ରମାଣ ଅବଶ୍ୟ କରିଛି । କିନ୍ତୁ ପ୍ରକୃତରେ ସେ ନିର୍ଦ୍ଦୋଷ ନୁହନ୍ତି ।

ଆଶ୍ଚର୍ଯ୍ୟ ହୋଇ ପୁଚ୍ଛିଲି ବନ୍ଧୁଦାରଙ୍କୁ । କହିଲେ —ଶୁଣନ୍ତୁ, ସେହି ନିରୀହ ଝିଅଟିକୁ ହତ୍ୟା କରିବା ପାଇଁ ଚେଷ୍ଟା କରୁଥିଲେ । ନିଜର ପାପ ଚିହ୍ନ ନିଶ୍ଚିହ୍ନ କରିବାଲାଗି ସବିତା ଦେବୀଙ୍କୁ ହତ୍ୟା କରିବା ଛଡ଼ା ତାଙ୍କର ଆଉ ଅନ୍ୟ ଉପାୟ ନଥିଲା ।

—ତାହାହେଲେ ଆପଣ···

କଥା ମୋର ଶେଷ ହେବା ଆଗରୁ ଗୌତମବାବୁ ହସି ହସି କହିଲେ —ବାହୁଁକି ତାଙ୍କୁ ହତ୍ୟାର ପ୍ରଚେଷ୍ଟା ଅପରାଧରୁ ମୁକ୍ତ କଲି ଏଇ ହେଉଛି ଆପଣଙ୍କର ପ୍ରଶ୍ନ, ନା ?···ଏହିପରି ଅପରାଧୀଙ୍କୁ ବଞ୍ଚାଇବା ଲଗି ମୁଁ ଆପ୍ରାଣ ଚେଷ୍ଟାକରେ ଓ ଆଜି ପର୍ଯ୍ୟନ୍ତ ସବୁ କେସ୍ ଗୁଡ଼ିକରେ ମୁଁ କୃତକାର୍ଯ୍ୟ ହୋଇଛି । ଭବିଷ୍ୟତରେ ମଧ୍ୟ ହେବ ବୋଲି ମୁଁ ଆଶାକରେ—

ଫେରିଲି । ବାଟରେ ମନେ ପଡ଼ୁଥାଏ ସୁଚେନ୍ଦ୍ରର କଥା । ମୋକଦ୍ଦମା ପରେ ଆଉ ତା'ସହିତ ମୋର ଦେଖା ହୋଇନାହିଁ, କେହି ତାହାର ସମ୍ବାଦ ମଧ୍ୟ ରଖିନାହିଁ । ଆଉ ଏହି ବଚନ ଲୋକଟି । ଲୋକଟିର ପ୍ରତିଭା ଦେଖି ସମ-ବ୍ୟବସାୟୀମାନେ ହିଂସା କରୁଥିବେ, ଅପରାଧୀମାନେ ତାଙ୍କର ଦୀର୍ଘ ଜୀବନ କାମନା କରିବା ସଙ୍ଗେ ସଙ୍ଗେ ଅନ୍ତରାଳରେ କାହାକୁ ହତ୍ୟା କରୁଥିବେ, କାହାକୁ ଠକାଉଥିବେ କିମ୍ବା କାହାର ସର୍ବସ୍ୱ ଅପହରଣ କରୁଥିବେ ।

ନାନାଚିନ୍ତା ମସ୍ତିଷ୍କ ଭିତରେ ପଶି ଝିମ୍ ଝିମ୍ ହୋଇ ଉଠିଲା । ନଇକୂଳରେ ଥିବା ସିମେଣ୍ଟ୍ଲଗା ବେଞ୍ଚ ଉପରେ କିଛି ସମୟପାଏ ବସି ମୁକ୍ତ ପବନରେ ମୁଣ୍ଡଟାକୁ ଥଣ୍ଡାକରି ଯେତେବେଳେ ଷ୍ଟେସନକୁ ଆସିଲି ଆଉ ଟଗାଟିଏ ବସୁ ସେଠାରେ ମୋ'ପାଇଁ ଅପେକ୍ଷା କରି ରହିଥିଲା ।

ଠିକ୍ ସ୍ୱପ୍ନ ନୁହେଁ, କିନ୍ତୁ ଆନନ୍ଦର ଆଶ୍ୱାସ ମଧ୍ୟ ସେଥିରେ ଥାଏ । ସ୍ୱପ୍ନପୂର୍ତ୍ତି ହେଉଛି, ଏତେଦିନ ପରେ ଦାଦା ଖୁଡ଼ୀ ମୋର ଅଭାବ ଜଣି ବୁଝିପାରି ପ୍ରତିକାର ବିଧାନ ଏକାବେଳକେ ସ୍ଥିର କରିପାରିଛନ୍ତି...ଆଜି ଆନନ୍ଦଟି ହେଲା, ଆମ ପରିବାର ଭିତରେ ଆଜି ଜଣଙ୍କର ପାଠର ପଢ଼ିବା ବନ୍ଦୋବସ୍ତ ହେଉଛି ।

ହସିବେ ନାହିଁ...ମନୁଷ୍ୟ ଧର୍ମ ପାଳନ କରିବାକୁ ମୁଁ ଯାଉଛି । ଅର୍ଦ୍ଧ-ଅଙ୍ଗ ଆଜି ଜଣଙ୍କୁ ସମର୍ପି ଦେବାକୁ ହେବ...

ଦାଦାଙ୍କର ପ୍ରେରିତ ପତ୍ରର ସାରାଂଶ ଏତିକି...ଦିନ ସ୍ଥିର ହୋଇ ସାରିଛି...ଅବିଳମ୍ବେ ଛୁଟିନେଇ ଗାଁରେ ପହଞ୍ଚିବାକୁ ହେବ ।

ଷ୍ଟେସନ୍‌ମାଷ୍ଟର ଚିଠି ଖଣ୍ଡିକ ମୋ ଅଡ଼କୁ ବଢ଼ାଇ ଦେଇ ବୋଧହୁଏ ଚିଠି ପଢ଼ି ମୁହଁର ଭାବଭଙ୍ଗୀ କିପରି ହେଉଛି ତାହା ଲକ୍ଷ୍ୟ କରୁଥିଲେ । ଚିଠି ସାରି ପକେଟରେ ଚିଠିଖଣ୍ଡିକ ରଖି ତାଙ୍କ ମୁହଁକୁ ଚାହିଁବା ମାତ୍ରେ ସେ ସାମାନ୍ୟ ଅପ୍ରସ୍ତୁତ ହେଲେ ବୋଲି ମନେହେଲା, ମୃଦୁ ହସ ହସି କହିଲେ—ଫେଟେ ? —

—କଣ ?...ବିସ୍ମିତ କଣ୍ଠରେ ପଚାରିଲି ।

—ଶୁଭଲଗ୍ନ...ସେହିପରି ହସୁଥାନ୍ତି ସେ ।

—ଆପଣ କିପରି ଜାଣିଲେ ?

ପ୍ରଶାନ୍ତ ହସ ହସି ସେ କହିଲେ—ଲଫାଫାରେ ଗୋଟିଏ କୋଣରେ ହଳଦି ଲଗିଛି, ଏଥିରୁ ଜାଣିଲି ।

—ଓ...ମୁଁ ମଧ୍ୟ ନ ହସି ରହିପାରିଲି ନାହିଁ ।

ସବୁକଥା କହି ଛୁଟି ଦରଖାସ୍ତ ଖଣ୍ଡିକ ଲେଖି ହେଡ୍-ଅଫିସକୁ ପଠାଇ ଦେବାଲାଗି ତାଙ୍କୁ ଅନୁରୋଧ କଲି ।

— ତିନି —

ପ୍ରତିମାକୁ ପାଇ ମୁଁ ଖୁବ୍ ସୁଖୀ ହୋଇଛି । ଏହା ଭିତରେ ସେ ଉପହାର ଦେଇଛି ଗୋଟିଏ ପୁତ୍ରସନ୍ତାନ । ପାଞ୍ଚବର୍ଷ ଭିତରେ ଆଉ କୌଣସି ସନ୍ତାନ-ସନ୍ତତି ହୋଇନାହିଁ ଆମର । ପ୍ରତିମା, ମୁଁ ଓ ବାପୁ ଏହି ତିନି ହିଁ ଆମର ସଂସାର । ସୁଖର ସଂସାର କହିଲେ ଚଳେ । ଆର୍ଥିକ ଅବସ୍ଥା ମୋର ସ୍ୱଚ୍ଛଳ, ହାତରେ କିଛି ସଞ୍ଚିତ ଧନ ମଧ୍ୟ ରଖିପାରିଛି ।

ବର୍ତ୍ତମାନ ମୋର କର୍ମସ୍ଥଳ ସେଇଠି, ଅର୍ଥାତ୍ ଉଦୟପୁରରେ ।

ଦିନଗୁଡ଼ାକ ବେଶ୍ କଟୁଥିଲା । ପ୍ରତିମା ଓ ବାପୁ, ଏମାନେ ପାଖରେ ଥିଲେ ଆଉ କି ବା ସମୟ ଜଣାପଡ଼ିବ ? କେତେବେଳେ ସୂର୍ଯ୍ୟ ଅସ୍ତ ଯାଉଛନ୍ତି, ଚନ୍ଦ୍ର ଉଦୟ ହୋଇ ପୁଣି ସକାଳ ହେଉଛି ଏସବୁ କିଛି ଜଣାପଡ଼େନା । କିନ୍ତୁ ଭଗବାନ ବୋଧହୁଏ ଏ ସୁଖ ସହ୍ୟ କରିପାରିଲେ ନାହିଁ—ବାପୁର କି ରୋଗ ହେଲା କେଜାଣି ସ୍ଥାନୀୟ ଡାକ୍ତରଙ୍କଠୁ ଆରମ୍ଭ କରି ବଡ଼ ବଡ଼ ଡାକ୍ତରମାନେ ଫେଲଗଲେ

ସୁଦ୍ଧା ରୋଗର ଆଦୌ ଉପଶମ ହେଲ ନାହିଁ । ଶେଷରେ ଜଣେ ବଳିଷ୍ଠ ଡାକ୍ତରଙ୍କ ପରାମର୍ଶରେ ବାୟୁ ପରିବର୍ତ୍ତନ ଲଗି ସ୍ତ୍ରୀକନ୍ୟା ସହିତ ବନ୍ଧୁଙ୍କୁ ନେଇ ବାହାରିବାକୁ ହେଲ ଜଦପୁରଠାରୁ ଦୁଇଶ ମାଇଲ ଦୂରକୁ ।

ଛଅମାସର ଛୁଟି ନେଇ ବାହାରିଲି ।

ମୋର ଜଣେ ବନ୍ଧୁ, ଝଣ୍ଟିଏ ଘର ଠିକ୍ କରି ରଖିଥିଲେ । ଜଦପୁରର ଟାଉନରୁ ଦୁଇଶ ମାଇଲ ଦୂର । ଅଜକାଲି ଯୁଗରେ ତିରିଶ ଟଙ୍କା ଭଡ଼ାରେ ଉପର ତଳ ଦୁହାଇ ଚାରି ବଖରା ଘର, ଖୋଲା ଅଗଣା, ଟ୍ୟାପ୍ ଓ ସ୍ୱୟଂ ପରିଷ୍କୃତ ପାଇଖାନାର ବ୍ୟବସ୍ଥା ଥାଇ ଏପରି ଘର ମିଳିବା କଣ ସାମାନ୍ୟ କଥା ! ନିତାନ୍ତ ଲୋଭନୀୟ ଓ ସୌଭାଗ୍ୟର ପରିଚାୟକ ନୁହେଁତ କଣ !

ଏତେ ଶସ୍ତାରେ ମିଳିଯିବା ହେତୁ ଅବଶ୍ୟ ମନରେ ଗୋଟାଏ ଯେ ସନ୍ଦେହ ଜାତ ହୋଇନଥିଲା, ଏପରି ନୁହେଁ । ହଠାତ୍ ମନେ ହେଉଥିଲା ବୋଧହୁଏ ଏହା ଗୋଟାଏ ପରିତ୍ୟକ୍ତ ଘର--ହୁଏତ ଭୂତ-ପ୍ରେତଙ୍କର ଦୌରାତ୍ମ୍ୟ ଯୋଗୁଁ କେହି ରହିବାକୁ ରାଜି ହେଉନାହାନ୍ତି । ଗୋଟାଏ ଭୂତ ବଦ୍‌ନାମ ନିଶ୍ଚୟ ବହନ କରୁଛି ଏହି ସ୍ୱଳ୍ପ-ଭଡ଼ା ପ୍ରକାଣ୍ଡ ସୁନ୍ଦର ଘରଟି ।

ବନ୍ଧୁ ନରେନ୍ଦ୍ର ଅବଶ୍ୟ ଗୋଟାଏ ଉତ୍ତର ଦେଇଥିଲେ । କହିଥିଲେ ଥରେ ଗୋଟାଏ ଦୁର୍ଘଟଣା ଘଟିବା ଫଳରେ ସେ ଘରେ ଆଜ କେହି ରହୁନାହାନ୍ତି । କୁସଂସ୍କାର ନୁହେତ କଣ !

କୌତୁହଳୀ ହୋଇ ଘଟଣାଟିକୁ ଶୁଣିବାପାଇଁ ଆଗ୍ରହ ପ୍ରକାଶ କରିବାଯୋଗୁଁ ବନ୍ଧୁ କହିଲେ—

ସେହି ଲୋକଟିର ମସ୍ତିଷ୍କରେ କଳକବ୍ଜା ଗୁଡ଼ିକ ଢିଲା ବୋଲି ସମସ୍ତଙ୍କର ଧାରଣା । କଣ୍ଟା-କଣ୍ଟା-ଦାଢ଼ି, ଜଙ୍ଗ-ଜଠା ଖଣ୍ଡିଏ ପାଣ୍ଟ ଓ କମିଜ । ଚାଲିବାବେଳେ ବାଟରେ ନିଜ ମନକୁମନ ଗୁଣୁଗୁଣୁ ହୋଇ କହୁଥାନ୍ତି—ଏସବୁ ଦେଖି ସମସ୍ତେ ହସନ୍ତି, ଉପହାସ କରନ୍ତି ।

ଦିନେ ଲୋକେ ଶୁଣିଲେ ଯେ ସେହି ଭଦ୍ରଲୋକଟିର ସ୍ତ୍ରୀ କୁଆଡ଼େ ଆତ୍ମହତ୍ୟା କରିଛନ୍ତି । ପରେ ଅବଶ୍ୟ ଭଦ୍ରଲୋକଟି ନିଜେ ତାହା ସ୍ୱୀକାର କରିଥିଲେ । ଆହୁରି ମଧ୍ୟ ଶୁଣାଯାଏ, ପୁଲିଶ ଜଙ୍ଗଲରୁ ମୃତଦେହଟିକୁ ଫେରାଇ ଆଣିଥିଲେ ସୁଦ୍ଧା କେତେବେଳେ କବର ଦିଆଗଲା ତାହା କେହି ଜାଣିନାହାନ୍ତି । ଘଟଣାର କିଛିଦିନ ପରେ କେତେଜଣ ଗ୍ରାମବାସୀ ସେହି ବାଟ ଦେଇ ଯାଉ ଯାଉ ଘରଟି ଭିତରୁ ଛୋଟ ପିଲାର କାନ୍ଦଣା ଶୁଣି ଘରର ମାଲିକଙ୍କୁ ଖବର ଦେଲେ । ଘରର ମାଲିକ ବ୍ରଜଶଙ୍କର-ବାବୁ ଘଟଣା ସ୍ଥଳରେ ପହଞ୍ଚି ଚିତ୍କାର ପରିବର୍ତ୍ତେ ଶୁଣିଲେ, ଶ୍ୱାସରୁଦ୍ଧ

ଆଜକୁ ପ୍ରାୟ ତିରିଶ ବର୍ଷ ତଳେ ଜଣେ ବିଦେଶୀ ଭଦ୍ରଲୋକ ଏହି ଘରଟିରୁ ଭଡ଼ା ନେଇଥିଲେ । ସ୍ତ୍ରୀ ଓ ଗୋଟିଏ ଶିଶୁ-ସନ୍ତାନ ନେଇ ତାଙ୍କର ସଂସାର । ସ୍ୱାମୀ ସ୍ତ୍ରୀ ଉଭୟଙ୍କର ପ୍ରକୃତି ଅତି ଅଦ୍ଭୁତ ବୋଲି ମନେ ହେଉଥିଲା । କାହାରି ସହିତ ସେମାନେ ମିଶନ୍ତି ନାହିଁ, କିମ୍ବା କଥାବାର୍ତ୍ତା କରନ୍ତି ନାହିଁ---ଏପରିକି କେହି ଯଦି ସେମାନଙ୍କ ସହିତ ଆଳାପ କରିବାକୁ ଆସନ୍ତି ଅପମାନିତ ହୋଇ ଫେରିଯାଆନ୍ତି । ସବୁବେଳେ ଘରର ଦ୍ୱାର ଓ ଗବାକ୍ଷ ଆଦି ଏପରିଭାବେ ବନ୍ଦ କରି ରଖିଥାନ୍ତି ଯେ, ଦେଖିଲେ ମନେହୁଏ ଘର ଭିତରେ ଜନମାନବ କେହି ନାହାନ୍ତି ଯେପରି ।

ହେଲେ ଲୋକେ ଯେପରି ଗଁ-ଗଁ ଶବ୍ଦ କରନ୍ତି ସେହିପରି ଗୋଟାଏ ଶବ୍ଦ । ବ୍ରଜଶଙ୍କର ବାବୁଙ୍କ ମନରେ ସନ୍ଦେହ ଜାତ ହେଲାରୁ ସେ ଥାନାରୁ ପୁଲିସ ଆଣି କବାଟ ଭାଙ୍ଗି ଘରେ ପଶି ଭଦ୍ରଲୋକଙ୍କର ନାଁ ଧରି ଡାକିଲେ, କିନ୍ତୁ କୌଣସି ଉତ୍ତର ପାଇଲେ ନାହିଁ । ଦୋତାଲାରେ ପହଞ୍ଚି ଦେଖିଲେ ଦୁଇ-ତିନିବର୍ଷର ଗୋଟିଏ ଶିଶୁ ମୃତାବସ୍ଥାରେ ପଡ଼ିଛି, ଅଳ୍ପଦୂରରେ ଥିବା ଟେବୁଲଟି ଉପରେ ପଡ଼ିଛି ଖଣ୍ଡିଏ ଚିଠି ।

ପୁଲିଶ ଚିଠିଟିକୁ ଖୋଲି ପଢ଼ିଲେ । ଲେଖାଥିଲା—କୌଣସି ପ୍ରକାରେ ତିନିଦିନର ଖାଦ୍ୟ ସଂଗ୍ରହ କରି ଭାଗ୍ୟ ହାତରେ ପିଲଟିକୁ ସମର୍ପି ଦେଇଗଲି···

ଚିଠି ପଢ଼ି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । କୌଣସି ପିତା ଯେ ଦୁଗ୍ଧ ପୋଷ୍ୟ ଶିଶୁକୁ ନିଶ୍ଚିତ ମୃତ୍ୟୁ କୋଡ଼ରେ ସମର୍ପି ଦେଇ ପଳାଇଯାଇ ପାରେ ଏହା କଣ ବିଶ୍ୱାସଯୋଗ୍ୟ ? ପୁଲିଶ ପିଲାଟିର ମୃତ୍ୟୁ ଦେହଟିକୁ ନେଇଗଲେ ସିନା, ଗୃହଆଡ଼ ବନ୍ଦ ଥିବା ସତ୍ତ୍ୱେ ଫେରସୀ ଭଦ୍ରଲୋକଟି କପରି ଘର ଭିତରୁ କାହାରି କାହାରିକୁ ଆସିଲେ ପୋଲିସ ତାହା ନିର୍ଣ୍ଣୟ କରି ପାରିଲେ ନାହିଁ ।

ଏହି କାରଣରୁ କେହି ଆଉ ଘରଟିକୁ ଭଡ଼ା ନିଅନ୍ତି ନାହିଁ । ଆହୁରି ମଧ୍ୟ କେହି ଭଡ଼ା ନେବାକୁ ଆସିଲେ ବ୍ରଜଶଙ୍କର ବାବୁ ଘଟଣାଟିକୁ ଆଗେ ଶୁଣାଇ ଦିଅନ୍ତି, ଏସବୁ ଶୁଣିବାପରେ କିଏବା କାହିଁକି ଏପରି ଭୌତିକ ସ୍ଥାନରେ ରହିବାଲାଗି ସାହସ କରିବ ?

କିନ୍ତୁ ନରେନ୍ଦ୍ର ମୁହଁରୁ ଘରଟିର ପୂର୍ବତନ ଇତିହାସ ଶୁଣି, କାହିଁକି ଯେ ଲୋକେ ଏଘରେ ରହିବାକୁ ରାଜି ହେଉ ନାହାନ୍ତି, ଏ ସମ୍ବନ୍ଧରେ ଯୁକ୍ତିସଙ୍ଗତ କାରଣ ଖୋଜି ପାଇଲି ନାହିଁ । ଭାବିଲି,

ସଂସାରର ଜ୍ୱାଳାରୁ ମୁକ୍ତ ପାଇବା ଲାଗି ସ୍ତ୍ରୀ ଲୋକଟି ଆତ୍ମହତ୍ୟା କରିଥିବା କିଛି ଅସମ୍ଭବ ନୁହେଁ । ସେହି ଭଦ୍ରଲୋକଟିର ମୁଣ୍ଡ ଠିକ୍ ନ ଥିଲା, ରୋଜଗାର-ପନ୍ଥ ବିଶେଷ ସୁବିଧା ହେଉ ନ ଥିଲା ବୋଲି ବୋଧହୁଏ ତାଙ୍କର ପ୍ରକୃତି ବିକୃତ ହୋଇଥିଲା—ସେଥିପାଇଁ ନିଶ୍ଚୟ ସେ ଭାଗ୍ୟ ଉପରେ ପିଲାଟିକୁ ସମର୍ପି ଦେଇ ନିରୁଦ୍ଦେଶ ହୋଇଛନ୍ତି । ତେଣୁ ପିଲାଟି ଅନାହାରରେ ତିଳ ତିଳ ହୋଇ ମୃତ୍ୟୁବରଣ କରୁଛି । ଏଥିରେ ଆଉ ଭୟ ପାଇବାର କଣ ଅଛି ? କୁସଂସ୍କାର ବଶବର୍ତ୍ତୀ ହୋଇ ଲୋକେ ଭୟଙ୍କର ଏ ଘରେ ଯେ ଉତ୍ପାତ ମାନନ୍ତି ଏ ବିଷୟରେ ସନ୍ଦେହର ଅବକାଶ ନାହିଁ ।

ସୂର୍ଯ୍ୟାସ୍ତ ହେବାରୁ ଯେପରି ନ ଅନ୍ଧାରେ ପହଞ୍ଚିବ ସେଥିପାଇଁ ସବୁପ୍ରକାର ବ୍ୟବସ୍ଥା ଆଗରୁ ଠିକ୍ କରି ସାରିଥିଲି । ଷ୍ଟେସନ ପାଖରୁ ଲୋକ ପଠାଇବେ ବୋଲି ବ୍ରଜଶଙ୍କର ଆଗରୁ ମୋତେ ଚିଠିରେ ଜଣାଇଥିଲେ । କିନ୍ତୁ ଭାଗ୍ୟ ଯାହାର ମନ୍ଦ ସେ ସୁବିଧା ଖୋଜିଲେ କି ସହଜରେ ଜୁଟେ । ଗାଡ଼ିଟି ଯଥେଷ୍ଟ ଲେଟ୍ ଥିଲା ବୋଲି ପହଞ୍ଚିବାକୁ ରାତି ଆଠଟା ବାଜିଲା । ସନ୍ଧ୍ୟା ଅନେକବେଳୁ ହୋଇ ଯାଇଥାଏ । ଗାଡ଼ି ପହଞ୍ଚିବା ଆଗରୁ ପ୍ରବଳ ବର୍ଷା ମଧ୍ୟ ଆରମ୍ଭ ହୋଇଥାଏ । ନଭେମ୍ବରର ଆରମ୍ଭ, ବୃଷ୍ଟି ହେବା କଥା ନୁହେଁ —ତେବେବି ହେଲା । ଏହାକୁ କହନ୍ତି ନିସର୍ଗର ଭ୍ରୂକୁଟି ।

ଗାଡ଼ି ଷ୍ଟେସନ-ପ୍ଲାଟଫର୍ମରେ ଠିଆ ହେବା ସଙ୍ଗେ ସଙ୍ଗେ ଚାରିଆଡ଼େ ଅନ୍ଧକାର ଆଖି ବୁଜାଇ ଦେଲି । କାଳେ ନରହରି ଆମକୁ ପାଛୋଟି ନେବାକୁ ଆସିଥିବ । ନରହରି, ଅର୍ଥାତ ଘରର ମାଲିକ ବ୍ରଜଶଙ୍କରବାବୁ ଯାହାଙ୍କୁ ଷ୍ଟେସନପାଖକୁ ପଠାଇବେ ବୋଲି

ଲେଖିଥିଲେ । ଅନ୍ଧକାର ରାତି, ପୁଣି ସେଥିରେ ଝଡ଼ବୃଷ୍ଟି, ଲୋକଟିକୁ ଖୋଜି ବାହାର କରିବା କଣ ସହଜ କଥା ? କେବେହେଲେ ଜୀବନରେ ଯାହାଙ୍କୁ ମୁହୂର୍ତ୍ତକ ପାଇଁ ହେଲେ ଦେଖିନାହୁଁ, କେବଳ ନାଁ-ଟି ଜାଣିଲେ ଯେ ଅସଲ ଲୋକଟିକୁ ଆବିଷ୍କାର କରି ପାରିବ, ଏହା କେତେଦୂର ସମ୍ଭବପର ତାହାତ ଆପଣମାନେ ବୁଝି ପାରୁଥିବେ ।

ଅର୍ଥ ପୂର୍ଣ୍ଣ ଦୃଷ୍ଟି ରେ ପ୍ରତିମା ଆଡ଼େ ଚାହିଁଲାରୁ ସେ ମୋର ମନକଥା ବୁଝିପାରି କହିଲା—ଆମର ଡେରିହେବା ଦେଖି ବୋଧହୁଏ ଲୋକଟା ଫେରିଯାଇଛି ···

ଅଗତ୍ୟା ସବୁ ଦାୟିତ୍ୱ ନିଜକୁ ମୁଣ୍ଡେଇବାକୁ ପଡ଼ିଲା । ସପୁନ ପ୍ରତିମାକୁ ଗାଡ଼ିରୁ ଓହ୍ଲାଇ ଦେଇ ତରତର ହୋଇ ନିଜେ ଓହ୍ଲାଇ ପଡ଼ିଲି । ଟ୍ରଙ୍କ, ସୁଟକେଶ ଓ ବେଡ଼ିଙ୍ଗ୍ ପ୍ରଭୃତି ତଳକୁ ଆଣୁ ଆଣୁ ପ୍ରତିମାକୁ କହିଲି—ବାପୁକୁ ନେଇ ତୁମେ ସେଡ୍ ତଳେ ଛିଡ଼ାହୁଅ, ଜିନିଷ ଗୁଡ଼ାକ ମୁଁ ଆଗେ ବାହାର କରିଆଣେ···

ଲୁଗାକାନିକୁ ବାପୁର ମୁଣ୍ଡଉପରେ ଘୋଡ଼ାଇ ଦେଇ ପ୍ରତିମା ଏକପ୍ରକାର ଦୌଡ଼ ଦୌଡ଼ ଟିଣ-ସେଡ୍ ତଳେ ଅସି ଛିଡ଼ାହେଲା । ଜିନିଷ ଗୁଡ଼ିକ ସେଡ୍ ପାଖକୁ ଆଣିବାଲାଗି ମୋତେ ମଧ୍ୟ ଦୁଇଥର ଭିଜିବାକୁ ପଡ଼ିଥିଲା । ଖଣ୍ଡିଏ ତଉଲିଆ ବାହାର କରି ବାପୁର ଦେହ-ମୁଣ୍ଡ ଭଲକରି ପୋଛିବାକୁ ଲଗିଲା ପ୍ରତିମା, ସବୁ ଜିନିଷ ଗୁଡ଼ିକ ଅଣାହେବା ପରେ ତଉଲିଆଟିକୁ ମୋ ଆଡ଼କୁ ବଢ଼ାଇଦେଲା ସେ ।

ପୋଛିବାଲାଗି ଶରୀରର କୌଣସି ଅଂଶ ଆଉ ବାକି ନ ଥାଏ । ପୋଷାକରେ ଉପର ଛାଡ଼ିବାପରେ ଦେହ ଓ ଦେହର ଲୁଗାପଟା

ଯେପରି ଅବସ୍ଥା ହୋଇଥାଏ, ମୋର ବର୍ତ୍ତମାନର ଅବସ୍ଥା ଠିକ୍ ସେଇପରି । ଜଙ୍ଗଲଆଡ଼ର ଆଜି ଦେହମୁଣ୍ଡ ଯେ ଛିଣ୍ଡିବ ଜଣ ! ତେବେ ଦୁଷ୍ଟା ମୁଣ୍ଡଟାକୁ ଟିକିଏ ଯେ ଛିଣ୍ଡିଗଲା ।

ବୃଷ୍ଟି ସାଙ୍ଗରେ ବତାସ, ତେବେ ସାଧାରଣ ଅବସ୍ଥା ସେତେବେଳେ ଭାବନ୍ତୁ ! ଦିଣ-ଟେଣ୍ଡ଼ ଦେଖିବେ କେତେଗୁଡ଼ାଏ ବଡ଼ ବଡ଼ ଗଛ, ସେଥିରୁ ଜଣାଯାଏ ପାଣି ପବନ ଆସି ଯେତେବେଳେ ଦେହରେ ଲାଗୁଥାଏ…ଆଉ, ଗୁଡ଼ାକୁ ସେ ଅନୁଭୂତ ହଉ ।

ଘଣ୍ଟାଏ କାଳ ବର୍ଷି ବର୍ଷି ବୋଧହୁଏ କ୍ଳାନ୍ତ ହୋଇ ପଡ଼ିଥିଲେ ମେଘମାଳଗଣ । ଏଥର ଟିକିଏ ବିଶ୍ରାମ ନେଇଛନ୍ତି, କିନ୍ତୁ ପବନର ଗତି ଆଦୌ କମିଲା ନାହିଁ । ପ୍ରତିମା କହିଲା—ନା, ଏ ଝଡ଼ ଯେ ବର୍ତ୍ତମାନ ବନ୍ଦ ହେବ ସେପରି କିଛି ଆଶା ଦେଖାଯାଉ ନାହିଁ । ସେଗଣା ପିଲଟାକୁ ନେଇ ଅଜ କେତେବେଳ ଯାଏ ଏଠି ରହିବ ଲୁହିତ । ଖଣ୍ଡିଏ ଘୋଡ଼ାଗାଡ଼ି ଦେଖ । ବସାରେ ପହଞ୍ଚି ବରଂ ଗରମପାଣିର ସେକ ଦେଲେ ଚଳିବ…

ଗାଡ଼ି ପାଇଁ ବାହାରକୁ ବାହାରିବା ପୂର୍ବରୁ ନରହରିକୁ ଆବିଷ୍କାର କରିବା ଉଦ୍ଦେଶ୍ୟରେ ଅଜୟରେ ଏପାଖ ସେପାଖ ଦେଖିବାକୁ ଲାଗିଲା, କିନ୍ତୁ ଭାଗ୍ୟ ପଲ୍ଲଟବଦନା—ନରହରି ଯେପରି ପବନ ସହିତ ମିଶି ଯାଇଛି ।

ଷ୍ଟେସନର ବାହାରେ ପାଲି ପୁରକା-ତୁଳା ସର୍ପିଳ ରାଜପଥ । ତ୍ରିଲମାଇଲ ଆସିବା ପରେ ସହରର ବତୀ-ସ୍ତମ୍ଭ ଆଖିରେ ପଡ଼େ । ରାସ୍ତାର ଦୁଇକଡ଼ରେ ବଗିଚା, କେଉଁଠି ଧାନ କ୍ଷେତ, ଖଣ୍ଡେ-

ଝଖଣ୍ଡ ସରକାରୀ ଡାକ ବଙ୍ଗଳା ମଧ୍ୟ ଦେଖାଯାଏ—ଆଉ ମଧ୍ୟ ଦେଖାଯାଏ ଛୋଟ ଛୋଟ ପାହାଡ଼ କେତୋଟି । ଦୁର୍ଯୋଗ ରଜନୀର ଅସ୍ପଷ୍ଟ ଅନ୍ଧକାରରେ ଏହି ପାହାଡ଼ ଗୁଡ଼ିକ ଦୈତ୍ୟପରି ପ୍ରତୀୟମାନ ହେଉଥାନ୍ତି । ଯେଉଁ କେତୋଟି ଭଗ୍ନ ଅଟ୍ଟାଳିକା ଦୃଷ୍ଟି ଗୋଚର ହୁଏ, ସେଥିରେ କୌଣସି ପ୍ରାଣୀ ବସବାସ କରୁଛନ୍ତି ବୋଲି ମନେହୁଏନା । ଦିନେ ହୁଏତ ବାସ କରୁଥିଲେ, ଆଜି ଅସ୍ତିତ୍ୱର ପ୍ରମାଣ ମୁଦ୍ଧା ନାହିଁ । କେବଳ ଅତୀତର ସାକ୍ଷୀରୂପେ ଠିଆ ହୋଇଛି ସେମାନଙ୍କର ନିଜ ହାତରେ ଗଢ଼ା ଉଦ୍ୟାନ ଓ ବଙ୍ଗଳା ଧ୍ୱଂସର କେତୋଟି ଘରର ଭଗ୍ନାଂଶ । ଗସ୍ତାର ନିଷ୍ପ୍ରଭ ଆଲୋକରେ ଭୂତ କୋଠି ବୋଲି ମନେହେବା କିଛି ଅସ୍ୱାଭାବିକ ନୁହେଁ ।

ଆମ ଘୋଡ଼ାଗାଡ଼ିଟି ବେସୁର ଶବ୍ଦ କରି ସେହି ବାଟ ଦେଇ ଆଗେଇ ଚାଲିଲା । କିଛିବାଟ ଆସିବା ପରେ ପୁଣି ବର୍ଷା ଆରମ୍ଭ ହେଲା—ଏଥର ଆହୁରି ଜୋରରେ । ଗାଡ଼ି ଖଣ୍ଡିକ ପାଣି ଭିତରେ ଆସିଲା ପରି ଜଣାପଡ଼ୁଥାଏ । ଏ ଦୁଃସମୟରେ ଘରୁ ଗୋଡ଼ କାଢ଼ି ଥିଲି କେଜାଣି ।

ପନ୍ଦର ମିନିଟ୍ ପରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଗାଡ଼ିରୁ ଓହ୍ଲାଇଲୁ ବେଳେ ଆମେ ଜନଙ୍କର ହଲଚଲ ହେବା ଶବ୍ଦ ନ ଥାଏ । ଘରଟି ସାମ୍ନାରେ ଠିଆ ହୋଇ ଚାରିଆଡ଼େ ଆଖି ବୁଲାଇ ନେଇ ଦେଖିଲି, ନିକଟରେ କୌଣସି ବସତି ନାହିଁ । ସାମ୍ନାରେ ମେଟାଲ ରୋଡ଼୍, ପଛ ଓ ଘରର ଦୁଇ କଡ଼ରେ ମୁକ୍ତ ପ୍ରାନ୍ତର, ଆଉ ରାସ୍ତାର ବାଆଁ କଡ଼ରେ ବଣ ବୁଦା ଓ ବଣ ବୁଦା ପଛରେ ପୁଣି ପାହାଡ଼ । ଅନ୍ଧକାରରେ ସ୍ପଷ୍ଟ ଦେଖା ନ ଗଲେ ସୁଦ୍ଧା ଅବସ୍ଥିତି ଉପଲବ୍ଧ କରାଯାଉଥାଏ ।

ଘରର ପୂର୍ବ ଦିଗରେ ଶହେ ଗଜ ଦୂରରେ ପ୍ରାୟ ରାସ୍ତା କଡ଼ରେ ଅସ୍ପଷ୍ଟ ଆଲୋକ ଦେଖାଗଲା । ବୋଧହୁଏ କୌଣସି ଦୋକାନର ଆଲୋକ । ଆହୁରି ମଧ୍ୟ ଶୁଣିପାରିଲି କେହି ଯେପରି ଗ୍ରାମଫୋନରେ ରେକର୍ଡ଼ ବଜାଉଛି । ପବନରେ ଭାସି ଆସୁଥାଏ ସୁରର ଅସ୍ପଷ୍ଟ ଶବ୍ଦ । ଝଡ଼ ବୃଷ୍ଟି ରାତିରେ ବିକା-କିଣାର ଆଶା ତ୍ୟାଗ କରି ସମୟ ଅତିବାହିତ କରିବାଲାଗି ବୋଧହୁଏ ସେମାନେ ଏହିପରି ବ୍ୟବସ୍ଥା ଅବଲମ୍ବନ କରିଥିଲେ ।

ଗାଡ଼ିବାଲାକୁ ଭଡ଼ା ଦେଇ ବିଦାୟ କରି ସାରିବା ପରେ ଠିକ୍ ଜାଗାରେ ଆସି ପହଞ୍ଚିଛି କି ନାହିଁ ବୋଲି ଆଉଥରେ ପରୀକ୍ଷା କରିନେଲି । ନା, ଭୁଲ ହୋଇନାହିଁ । ପୂର୍ବ ଆଡ଼େ ଦୋକାନ-ବଜାର, ପଶ୍ଚିମରେ ଟିକିଏ ଦୂରରେ ମଇଲା ପକାଇବାପାଇଁ ଗୋଟିଏ ଡ଼ାଷ୍ଟବିନ୍, ମଝିର ଚଉଡ଼ା ବାରଣ୍ଡାକୁଲାଗି ହଳଦିଆ ରଙ୍ଗର କୋଠା, ଦୁଆରର ଗୋଟିଏ ପାଖରେ ମାର୍ବଲ ପଥର ଉପରେ ଲେଖା "ସୁପ୍ରଶ୍ରୀ"...ଚିଠିରେ ଏହି ନିଦର୍ଶନ ଗୁଡ଼ିକ ଦିଆହୋଇଥିଲା । ସବୁକିଛି ଠିକ ଠିକ୍ ମିଳିଯାଉଛି—ତାହାହେଲେ ଭୁଲ୍ ଜାଗାରେ ଆସି ପହଞ୍ଚି ନାହିଁ ତେବେ ।

ଦୁଆରେ ତାଲା ଝୁଲୁଥିଲା । ଗୃହଚାବି ମୁଁ ଆଗରୁ ପାଇଥିଲି । ବନ୍ଧୁ ନରେନ୍ଦ୍ର ଆଗରୁ ଗୃହ ଚାବିଟି ଆଣି ମୋତେ ଦେଇଥିଲେ ।

ତାଲା ଖୋଲି ଭିତରକୁ ଆସିଲି । ନିରାଟ ଅନ୍ଧକାର । ତେବେ କାନ୍ଥ ଗୁଡ଼ିକରେ ସଦ୍ୟ ଚୂନ ଲେପା ହେବା ଯୋଗୁଁ ଚୂନର ଆଭାରେ ଅନ୍ଧକାର ଅପେକ୍ଷାକୃତ ତରଳ ବୋଲି ମନେ ହେଉଥିଲା ।

ସାଙ୍ଗରେ ଟର୍ଚ୍ଚ ଓ ଦୁଇଟି ଲଣ୍ଠନ ମଧ୍ୟ ଆଣିଥିଲି । ସଙ୍ଗେ ସାଙ୍ଗେ ଲଣ୍ଠନ ଦୁଇଟିକୁ ଜଳାଇ ଦେଲି ।

ପ୍ରତିମା କହିଲା—ଆଜି ରାତିଟା ବାହାର ଘରେ ରହି କାଲିକି ଘର ଦ୍ୱାର ଝାଡ଼ାଝୁଡ଼ି କରି ଜିନିଷ ପତ୍ର ସଜାଡ଼ି ରଖିବା ।

ପ୍ରତିମା ମନ କହୁନାହିଁ । ଘରର ଗୋଟାଏ କୋଣକୁ ଜିନିଷପତ୍ର ଗୁଡ଼ାକ ଗଦେଇ ଦେଇ ରାତିଟା କଟାଇବା ଲାଗି ବ୍ୟବସ୍ଥା କଲି । ଆଉ ପାଖରେ ଖଣ୍ଡିଏ ଖଟ ପଡ଼ିଥିଲା, ଖଟଟିକୁ ଝାଡ଼ି ଝୁଡ଼ି ତା' ଉପରେ ଖଣ୍ଡିଏ ମୋଟା ଚଦର ବିଛେଇ ଦେଲି ପ୍ରତିମା ଓ ବାପୁ ଶୋଇବେ ବୋଲି । ମୁଁ ତଳେ ଶୋଇବି ବୋଲି ଖଣ୍ଡିଏ ମସିଣା ବିଛେଇ ଦେଲି ।

ଟିକିଏ ବିଶ୍ରାମ ନେଇ ଲୁଗା ପଟା ବଦଳେଇ, ଷ୍ଟୋଭ ଜଳାଇ ଚା, ପାନ କରି ବାପୁକୁ ଗରମ ଦୁଧ ପିଆଇବା ପରେ ସ୍ୱସ୍ତିର ନିଃଶ୍ୱାସ ପକାଇ କଥାବାର୍ତ୍ତା ଆରମ୍ଭ କଲୁ ।

ପ୍ରତିମା କହିଲା—ସଙ୍ଗରେ ଆଉ ଗୋଟିଏ ଚାକରକୁ ଆଣିଥିଲେ ଖୁବ୍ ଭଲ ହୋଇଥାନ୍ତା । ପର ଉପରେ ଭରସା କରି ଅଜଣା-ଅଚିହ୍ନା ଜାଗାରେ ହଠାତ୍ ଆସି ହେଉଥିବାଟା ଆମର ଉଚିତ ହୋଇନାହିଁ । ଆଜି ରାତିଟା ଯେମିତି ହେଉ ଏକପ୍ରକାର କଟିଯିବ, କିନ୍ତୁ କାଲିକୁ ତ' ଫେରି ନୂଆ ସଂସାର ଚଳେଇବାକୁ ହେବ । ବଜାର ସଉଦା, ଚୁଲି ତିଆରି କରିବା ପାଇଁ ମାଟି…ତୁମେ ଭୋ ଲୋକ, କୁଆଡ଼େ କଣ କରିବ ବୁଝିବ ?…

କହିଲି—କାଲି ଗୋଟାଏ ଲୋକ ଯେମିତି ହେଉ ଯୋଗାଡ଼ କରିବାକୁ ପଡ଼ିବ । ନରହରି ନନ୍ଦ ଆସିଯାଏ ତ' ଭଲ କଥା, ତାହା ନହେଲେ କେଉଁଠୁ ହେଲେ ଖୋଜି ଆଣିବାକୁ ହେବ ।

ଆଉ କିଛି ନକହି ପ୍ରତିମା ନୀରବ ରହିଲା । ହାତ ଘଣ୍ଟିରେ ସେତେବେଳେ ଏଗାରଟା ବାଜିଥାଏ । ଝିପି ଝିପି ବୃଷ୍ଟି ପଡୁଥିବା ଦେଖି ମନେହେଲା ଆଜି ରାତିସାରା ବୋଧହୁଏ ଏହିପରି ବର୍ଷା ହେଉଥିବ ।

ଶୋଇବା ଆଗରୁ ଘର ଗୁଡ଼ିକ ଭଲକରି ପରୀକ୍ଷା କରିବା ଉଚିତ ମନେକରି ଟର୍ଚ୍ଚଟିକୁ ହାତରେ ଧରି କହାରୁ ବାହାରୁ ପ୍ରତିମାକୁ କହିଲି— ତୁମେ ବସ, ମୁଁ ଟିକିଏ ଉପର ମହଲାରୁ ବୁଲିଆସେ··· ଉତ୍ତରର ଅପେକ୍ଷା ନକରି ବାହାରି ପଡ଼ିଲି ।

ବଡ଼ ଧରଣର ତିନିଖଣ୍ଡ ଘର, ଦୁଆର ଝରକା ଗୁଡ଼ିକ ସବୁ ହାଁ-ମେଲା ହୋଇ ରହିଥାଏ । ସେଗୁଡ଼ିକ ବନ୍ଦ କରୁ କରୁ ରାସ୍ତା କଡ଼ର ବାରଣ୍ଡା ପାଖରେ ଆସି ପହଞ୍ଚିଲି । ଗ୍ରାମଫୋନ୍ ରେକର୍ଡର ସଙ୍ଗୀତ ଆଉ ଶୁଣାଯାଉନଥାଏ । ସେ ପାଖଟା ଅନ୍ଧକାର ପୂର୍ଣ୍ଣ । ଉଆଡ଼େ ରାସ୍ତାର ଆଲୋକଗୁଡ଼ାକ ମଧ୍ୟ ବର୍ଷାରେ ଅଛନ୍ନ । ଚାରିଆଡ଼ ନିସ୍ତବ୍ଧ । ବେଳେ ବେଳେ ନିସ୍ତବ୍ଧତାର ବୁକୁ ଚିରି ଭାସି ଆସୁଥାଏ ନିଶାଚର ପ୍ରାଣୀଙ୍କର ଭୟାବହ ଚିତ୍କାର

ଏବେତ' ନୂଆ ସ୍ଥାନ । ନୂଆ ପରିବେଶ ହେତୁ ଭଲଗାବ ସକାଳ ନହେବା ଆଗରୁ ନିଦ ଭାଙ୍ଗିଗଲା । ପ୍ରତିମା ମୋ' ଆଗରୁ ଉଠି ଚା' ତିଆରି କରିବା ପାଇଁ ଷ୍ଟୋଭ୍ ଜଳାଇବାରେ ବ୍ୟସ୍ତଥିବା

ଦେଖିଲି । ମୋତେ ବିଛଣାରୁ ଉଠିବା ଦେଖି ହସି ହସି କହିଲି—ଭାରି ଶୀତ ଲାଗୁଛି, ସେଇଥିପାଇଁ ଟିକିଏ ଗରମପାଣି କରେଇଲି··· ତୁମେ ଖାଇବତ’ ?

—ନିଶ୍ଚୟ···କହି ମୁହଁ-ହାତ ଧୋଉଛି ଏହି ସମୟରେ ବାହାରୁ ଡ଼ାକ ଶୁଭିଲା···ବାବୁ ଉଠିଲେଣିକି ?

ବିରକ୍ତି ପ୍ରକାଶ ପାଇଲା ପ୍ରତିମାର କଣ୍ଠରେ । କହିଲା—ଦେଖତ, ସକାଳଠାରୁ କିଏ ଆସି ଡ଼ାକୁଛି···

ଦ୍ୱାର ମୁହଁରେ ଠିଆ ହୋଇଥିଲେ ସ୍ଥୂଳକାୟ ଭଦ୍ରଲୋକ । ଆଜାନୁଲମ୍ବିତ କୋଟ୍ ଉପରେ ଖଣ୍ଡିଏ ଏଣ୍ଡିଚଦର, ମୁହଁରେ କାନ-ଗୁପା ହନୁମାନ-ଟୋପି । ଲୋକଟି ବୋଧହୁଏ ସାମାନ୍ୟ ଶୀତରେ କାତର ହୋଇପଡ଼ନ୍ତି । ମୋତେ ଦେଖିବାମାତ୍ରେ ଅମାୟିକ ହସ ହସି କହିଲେ—କାଲି ତାହାହେଲେ ଆପଣମାନେ ଆସି ପହଞ୍ଚିଛନ୍ତି । ମେଘ-ପବନ ଦେଖି ଆପଣ ଆଉ ବାହାରିଲେ ନାହିଁ ବୋଲି ମୁଁ ମନେ କରିଥିଲି । ନରହରିକୁ ଷ୍ଟେସନ ପାଖକୁ ପଠାଇଲି, ହତଭାଗା ନିଶା ଖାଇ କେଉଁଠି ପଡ଼ିଥିଲା କେଜାଣି, ରାତି ବାରଟାରେ ଫେରି କହିଲା—ନା, କେହି ଆସିନାହାନ୍ତି ।··· ଭୋର ହେଉହେଉ ସ୍ତ୍ରୀ ହୁକୁମ କଲେ—ତୁମେ ଆଗେ ଦେଖିଆସ, ସେମାନେ ନିଶ୍ଚୟ ଆସିଥିବେ ।

ବୁଝିପାରିଲି ଏହି ଭଦ୍ରଲୋକଟି ହେଉଛନ୍ତି ଘରର ମାଲିକ କୃଷ୍ଣଶଙ୍କରବାବୁ । ବୋଧହୁଏ ତାଙ୍କର ଟିକିଏ ବେଶୀ କହିବା ଅଭ୍ୟାସ । କଥା କହିବା ଭଙ୍ଗୀରୁ ଜଣାପଡ଼େ ଟିକିଏ ସ୍ରୋତା । କହିଲି—ଅବଶ୍ୟ ବାଟରେ ଅସୁବିଧା ଭୋଗ କରିବାକୁ ପଡ଼ିଥିଲା ।

ଆପଣଙ୍କର ନରହରିର ଆଜ ଦେଖା ମିଳିବ ନା, ନିଶାଖାଇଁ ଫେର୍ କେଉଁଠି ପଡ଼ିଛି ?

ଗଳାର ଶବ୍ଦ ବାରିପାରି ପଛକୁ ବୃଦ୍ଧ ଦେଖେ ପ୍ରତିମା ଆସି ପଛରେ ଛିଡ଼ାହୋଇଛି । ମୁହଁ ଓ ଆଖିର ଭାବରୁ ତାର ମନକଥା ବୁଝିବାରେ ଆଉ ଡେରି ହେଲ ନାହିଁ । ବ୍ରଜଶଙ୍କରବାବୁଙ୍କୁ ପଚାରିଲି—ଏହି ନିଶାଖୋର ଲୋକଟିକୁ ପାଖରେ ରଖିଲେ କାମ-ଦାମ ଠିକ୍ କରିବତ ?

ଆକର୍ଣ୍ଣ-ବିସ୍ତାରି ହସ ହସିଲେ ବ୍ରଜଶଙ୍କରବାବୁ । କହିଲେ— ସେ କଥା କହନ୍ତୁ ନାହିଁ, ଆଜ୍ଞା ! ତା'ପରି ପରିଶ୍ରମୀ ଓ ବିଶ୍ବାସି ଲୋକ ଆଉ କେଉଁଠି ଦେଖିଛି କି ନାହିଁ ସନ୍ଦେହ ! ନିଶା ଖାଇଲେ କଣ ହେବ, ଯେଉଁ ଟେଟେଟ୍‌ଖଣ୍ଡିକ ପାଇଛି ସବୁ କାମ କରିବାକୁ ମଜବୁତ ··

ତାଙ୍କର ଉତ୍ସାହରେ ବାଧା ଦେଇ କହିଲି - ଟେଟେଟ୍‌ଠାରୁ କଣ ମିଳିବ, ଆମ କାମ ଚଳିଲେ ହେଲା । ଆପଣମାନଙ୍କ ସାଙ୍ଗରେ ମିଳାମିଶି···

—ନିଶ୍ଚୟ, ନିଶ୍ଚୟ ! ନିଶ୍ଚୟ ଆପଣମାନଙ୍କୁ ସାହାଯ୍ୟ କରିବା କଥା । ମୁଁ ସାଙ୍ଗେ ସାଙ୍ଗେ ନରହରିକୁ ପଠାଇ ଦେଉଛି ।

ଆଉ ସେ ଠିଆହେଲେ ନାହିଁ । କଚ୍ଛପ ସଦୃଶ ବପୁଟି କପୁକୁ ଦୋହଲାଇ ଦୋହଲାଇ ହସି ହସି ବିଦାୟ ନେଲେ ।

ଘ'ଣ୍ଟାଏ ପରେ ପାପୁକୁ ଦୁଧ ପିଆଇ ଟ୍ରଙ୍କ ଭିତରୁ ଲୁଗାପଟା କାଢ଼ି ସଜାଡ଼ୁଛି, ନରହରି ଆସି ଉପସ୍ଥିତ ହେଲା । ସାକ୍ଷାତ୍ ଧୂମକେତୁ ପରି ଟେଟେଟ୍ ଖଣ୍ଡିକ ।

ଲୋକଟା କିନ୍ତୁ ଖୁବ୍ ଭଲ ବୋଲି ମନେହେଲା । କ ମତ କଥା ଝଟ୍ ପଟ୍ ସେ କହିଲା—ବାସନ ଧୋଇବି, ଘର ଝାଡ଼ିବି, ବଜାର ସଉଦା କରିବି, ପିଲା ଖେଳେଇବି—ଯାହା କହିବେ ସବୁ କରିବି, ହେଲେ ସବୁଦିନେ ମୋତେ ଦି-ଚାରିଟା ପଇସା ଦେବାକୁ ପଡ଼ିବ । ତା ନହେଲେ ଚୋରି କରିବି, ଏକଥା ଆଗରୁ କହି ରଖିଲି । ଚୋରି କେବେ ଧରିପାରିବେ ନାହିଁ—ଏଠିକାର ବଜାର ଦର ତ' ଆପଣ ଜାଣନ୍ତି ନାହିଁ…

ଲୋକଟିର ଏହି ଅକପଟ ବ୍ୟବହାରରେ ଆମେ ମୁଗ୍ଧ ହେଲୁ । କହିଲି—ତୁମକୁ ପଇସା ଦେବି, କିନ୍ତୁ ତୁମେ ଯେମିତି କାମରେ ହେଳା କରି ଆମକୁ ଅସୁବିଧାରେ କେବେ ନପକାଅ ।

ତାକୁ ସାଙ୍ଗରେ ନେଇ ବଜାର ସଉଦା କରିବାକୁ ଆସିଲି । ଦେଖିଲି ଶସ୍ତାଦରରେ ଭଲ ଜିନିଷ କିଣିବା ଅଭିଜ୍ଞତା ତାର ଯଥେଷ୍ଟ ଅଛି । ଆଉ ମଧ୍ୟ ପାଣି କାଢ଼ିବା, ଚୁଲ୍ଲୀ ଧରେଇବା ଓ ଘରର ଜିନିଷ-ପତ୍ର ସଜାଡ଼ି ରଖିବାରେ ସେ ଖୁବ୍ ଅଭ୍ୟସ୍ତ । ନିଜ କାମ ଭଲ ସବୁ ସେ କରି ଯାଉଥାଏ ।

ସନ୍ଧ୍ୟାବେଳେ ଗୁଁ'ପାନ କରୁ କରୁ ପ୍ରତିମା କହିଲା—ଅନ୍ୟ ସଂସାର ପାଇଁ ଯିଏ ନାରେ ନିଜର ଘର ବୋଲି ମନେକରେ ଭାମଦା'ମ କରେ ତା'ଙ୍କୁ ଅନ୍ୟ କଦ୍ଭଦା କଥା । ଏଠ ଯିବାବେଳେ ସେ ଯଦି ସବୁ ଛୁଏଁଛ' ତାହାହେଲେ ସେଇଟାକୁ ସଙ୍ଗରେ ନେଇଯିବ···

ରାତିରେ ଦୋ-ମହଲା ଉପରେ ଶୋଇବା ଲାଗି ବନ୍ଦୋବସ୍ତ କରାଗଲା । ଠିକ୍ ହେଲା, ସମ୍ନାରେ ଥିବା ଘରଟିରେ ଆମେ ଶୋଇବୁ, ନଈହର ଶେଷ ମୁଣ୍ଡରେ ଥିବା ଘରଟିରେ ଶୋଇବ ।

ଅଧଘଣ୍ଟାକରେ ଦୁଆର ଖଡ଼-ଖଡ଼ ହେବା ସଙ୍ଗରେ ନିଦ ଭାଙ୍ଗିଗଲା । ବିଛଣାରୁ ଉଠି ଦୁଆର ଖୋଲିବାମାତ୍ରେ ସମ୍ନାରେ ନରହରିକୁ ଦେଖିପାରିଲି । ଦୁଆର ମୁହଁରେ ଠିଆହୋଇଥାଏ, ଆଖିରେ ମୁହଁରେ ବ୍ୟସ୍ତତାର ଲକ୍ଷଣ ପରିଷ୍କାରଭାବେ ଫୁଟି ଉଠିଥାଏ । ମୋତେ ଦେଖିବାମାତ୍ରେ କହିଲା, ପୁଅ କାହିଁକି କାନ୍ଦୁଛି ବାବୁ ?—

ତାର ମୁହଁରୁ ଏକଥା ଶୁଣି ଭାରି ଆଶ୍ଚର୍ଯ୍ୟ ହେଲି । ପଚାରିଲି —କେତେବେଳେ ଶୁଣିଲୁ ସେ କାନ୍ଦୁଛି ବୋଲି ? ସେ ତ ଏ ଘରେ ଆରାମ୍‌ରେ ଶୋଇଛି ?—

—ନା, ବାବୁ···ଆରଘରୁ ପୁଅର କାନ୍ଦଣା ମୁଁ ଶୁଣିପାରୁଛି ।

ମୃଦୁ ହସି କହିଲି—କେଉଁଠି କାନ୍ଦ ନାହିଁରେ, ତୁ ବୋଧହୁଏ ସ୍ୱପ୍ନ ଦେଖିଥିଲୁ । ଯା—ଶୋଇପଡ଼ ।

ପାହାଡ଼ିଆ ଦେଶର ସନ୍ଧିଆର ପ୍ରତିମା ତାର ଜୀବନ ଭିତରେ ଏହି ପ୍ରଥମ ଦେଖିଲି, ମୋର ମଧ୍ୟ କହିଲେ ଚଳେ । ଶୁକ୍ଳପକ୍ଷର ମ୍ଳାନହୀନ ଜ୍ୟୋଛନାରେ ଆକାଶ ପରିସ୍ନାତ, ତ୍ରିକୂଟର ଏହି ଶାନ୍ତ ରୂପ ଅପରୂପ ବୋଲି ମନେହେଲା ଆମର । ଏଣୁ ତେଣୁ କଥାବାର୍ତ୍ତା ହେଉ ହେଉ ରାତି ବାରଟା ବାଜିବା ପରେ ଶଯ୍ୟାଗ୍ରହଣ କଲୁ ।

ଅସ୍ପଷ୍ଟ କେତୋଟି ଶବ୍ଦ ଉଚ୍ଚାରଣ କରୁ କରୁ ସେ ତାର ଶୋଇବା ଘରକୁ ଗଲା । ମୁଁ ମଧ୍ୟ ଦ୍ୱାର ବନ୍ଦ କରି ଶୋଇବା ଆଗରୁ ଦୀପୁର ମୁହଁରୁ ପ୍ରତିମାର ଲୁଗାକାନିଟିକୁ ଆଡ଼େଇ ଦେଲି । ନିଦ୍ରାଘୋରରେ କେତେବେଳେ ଯେ ଲୁଗାକାନିଟି ଦୀପୁର ମୁହଁ ଉପରେ ଘୋଡ଼ାଇ ହୋଇ ଯାଇଛି ପ୍ରତିମାର ଖିଆଲ ନାହିଁ । ଦିନସାରା ପରିଶ୍ରମ କରି ବିଚାରୀ କ୍ଲାନ୍ତ ହୋଇ ବିଛଣା ଧରିବା-ମାତ୍ରେ ଶୋଇପଡ଼ିଛି ।

ବଡ଼ସକାଳୁ ନିଦ ଭାଙ୍ଗିଲା । କିନ୍ତୁ ଥଣ୍ଡା ଯୋଗୁଁ ଉଠିବାକୁ ମନ ହେଉନଥାଏ । ମୁକ୍ତ ସ୍ଥାନ ଦେଖି ଶୀତ ଯେପରି ଭୟଙ୍କର ଭାବେ ମାଡ଼ି ଆସିଛି ।

କିଛି ସମୟ ପରେ ପ୍ରତିମା ଉଠିଲା । ଦୁଆର ଖୋଲିବାମାତ୍ରେ ଭୟରେ ସେ ପାଦେ-ଦୁଇପାଦ ପଛକୁ ହଟିଆସିଲା । ଗୋଟାଏ ଅସ୍ପଷ୍ଟ ଆର୍ତ୍ତନାଦ ବାହାରି ପଡ଼ିଲା ତା' ମୁହଁରୁ ।

ସାଙ୍ଗେ ସାଙ୍ଗେ ବନ୍ଧୁଣୀ ଗୁଡ଼ ଦୁଆର ଆଡ଼କୁ ଆଗେଇ ଆସିଲା । ଦେଖିଲା ଦୁଆର ସାମ୍ନାରେ ସଜପ ଖଣ୍ଡିକ ପକାଇ ନରହରି ଚଦରଟିରେ ଦେହମୁଣ୍ଡ ଘୋଡ଼େଇ ହୋଇ କୁକୁରଙ୍କ ପରି କୁଣ୍ଡଳୀ ହୋଇ ନିଘୋଡ଼ ନିଦରେ ଶୋଇଛି ।

ପ୍ରତିମାର ଚିତ୍କାରରେ ତାର ମଧ୍ୟ ନିଦ ଭାଙ୍ଗିଗଲା ।

କହିଲି—କିଏ, ଏଡ଼େ ବଡ଼ ଅନ୍ଧାରେ ଏଠି କାହିଁକି ଶୋଇଛୁ ?

ନରହରି ବିନୀତ କଣ୍ଠରେ କହିଲା—ଆଜ୍ଞା, ମୁଁ ଆଜ ସେ ଘରେ ଶୋଇବି ନାହିଁ, ବାବୁ ! ଫେରି ଥରେ କାନ୍ଦଣା

ଶୁଣିଥିଲି । ଏ ଘର ପାଖକୁ ଆସି ଦୁଆର ପାଖରେ କାନ ପାତିଲି, କିନ୍ତୁ ଆଜି କିଛି ଶୁଣି ପାରିଲି ନାହିଁ । ମନେହେଲା ସେଇ ଘର ଭିତରେ ଥାଇ କିଏ ଗୋଟିଏ ପିଲା ଯେମିତି କାନ୍ଦୁଛି । ମୁଁ ବହୁତ ବେଳଯାଏ ତାର କାନ୍ଦଣା ଶୁଣିଛି···

କଥା କହିଲାବେଳେ ତାର ଦେହ ହାତର ଲୋମ ଠିଆ ହେଉଥାଏ ଆଖିରେ ଭୟାର୍ତ୍ତ ଭାବ । ଆତଙ୍କରେ ସେ ଥରୁଥାଏ ଥରଥର । ତା ର ଏପରି ଅବସ୍ଥା ଦେଖି ନହସି ରହିପାରିଲି ନାହିଁ । କହିଲି—କାଲି ରାତିରେ ବୋଧହୁଏ ନିଶା ଭାଗ ଟିକିଏ ବେଶି ହୋଇ ଯାଇଥିଲା, ନା ?

ପ୍ରତିମା ମଧ୍ୟ କୌତୁହଳୀ ହୋଇ ପ୍ରଶ୍ନ କଲା—କିଏ କାନ୍ଦୁଥିଲା ବୋଲି ସେ କହୁଛି ?

ରାତି କଥା ଖୋଲି କହିଲି । ସବୁ ଶୁଣି ସେ କହିଲା— ହତଭାଗା ନିଶା ଖାଇ ଖାଲି କାନ୍ଦଣା ଶୁଣିଛି, ଆହୁରି କେତେକଥା ଶୁଣିବ···ତାପରେ କୃତ୍ରିମ କ୍ରୋଧରେ ତା କୁ କହିଲା—ଚାଲ୍ କାମ କରିବୁ, ତୋ କଥା ଶୁଣିବାକୁ ବସିଲେ ଇଆଡ଼େ ଦୁନିଆର କାମ ବାକିପଡ଼ିବ···

ସେଦିନ ରାତିରେ କିନ୍ତୁ ନରହରି ଆଉ ସେ ଘରେ ଶୋଇଲା ନାହିଁ । ଆମ ଘରର ବାରଣ୍ଡାରେ ସେ ଶୋଇବାକୁ ଚାହୁଁଥିଲା, କିନ୍ତୁ ଆମଠିଁ ତ' ଫେର୍ ବିଚାର ଅଛି ! ପ୍ରଚଣ୍ଡ ଶୀତରେ ଆମେ ତକିଆ କମ୍ବଳ ଭିତରେ ଶୋଇବୁ ଆଉ ସେ ଶୋଇବ ବାହାରେ— ଏହା ନିର୍ଘାତ ସ୍ୱାର୍ଥପରତା ନୁହେଁତ କଣ ! ଠିକ୍ ହେଲା ଆମ ଘରର ଗୋଟାଏ କୋଣରେ ମସିଣା ପକାଇ ସେ ଶୋଇବ । ଘରଟାତ ବଡ଼, ଅସୁବିଧା ହେବବା କାହିଁକି ?

ଦେଖୁ ଦେଖୁ ପୂରାଟା ଦିନ କଟିଗଲା । ଛୋଟ ସହର ଖଣ୍ଡିକ, ଦ୍ରଷ୍ଟବ୍ୟ ଯାହା କିଛି ସବୁ ପ୍ରାୟ ଦେଖା ହୋଇଗଲା । ଶିବ ମନ୍ଦିର, ଚେଙ୍ଗଠିଆର ଜଣେ ରାଜାଙ୍କର ଉଦ୍ୟାନ-ବାଟିକା, ଶାଳ ପିଆଶାଳ ଜଙ୍ଗଲ, ସାନ୍ତାଳମାନଙ୍କର ପକ୍ଷୀ ଶୀକାର—ସବୁ ଆମେ ନରହରିଙ୍କୁ ସାଙ୍ଗରେ ନେଇ ଦେଖିଆସିଲୁ । କେତେ ଲୋକଙ୍କ ସହିତ ମଧ୍ୟ ଆଳାପ ପରିଚୟ ହେଲା । ଏମ୍. ଡ଼ି. ଓ. ପ୍ରଭାକରବାବୁ ଓଭରସିୟର ଗୁଣନିଧିବାବୁ, ଷ୍ଟେସନମାଷ୍ଟର ଗୌରହରିବାବୁ—ଡକ୍ଟରବାବୁ ଗଲେ ସମସ୍ତେ ଅମାୟିକ ଭଦ୍ରଲୋକ । ମୋ ପରି ଜଣେ ନଗଣ୍ୟ ବ୍ୟକ୍ତି ସହିତ ସେମାନେ ଯେ ଅକପଟ ସହୃଦୟତା ଦେଖାଇବେ ତାହା ମୁଁ ଆଶା କରି ନଥିଲି । କିନ୍ତୁ ଯେଉଁ ଘରଟିରେ ମୁଁ ଆସି ରହୁଛି, ଅର୍ଥାତ୍ "ସ୍ୱପ୍ନଶ୍ରୀ"ର ନାମ ଶୁଣି ସେମାନେ ନାକ ଟେକିଲେ ବୋଲି ମନେହେଲା । ପ୍ରଭାକରବାବୁ କହିଲେ—ଆପଣ ଆଉ ଘର ପାଇଲେ ନାହିଁ···ଗୁଣନିଧିବାବୁ ଉପଦେଶ ଦେଲେ—ସେ ଘର ଛାଡ଼ି ଯେତେ ଶୀଘ୍ର ପାରନ୍ତି ଅନ୍ୟ ଘରକୁ ଚାଲିଯାଆନ୍ତୁ···ଆଉ ଗୌରହରିବାବୁ କହିଲେ—ଘରଟା ଭଲ ନୁହେଁ ପ୍ରିୟବାବୁ···ପିଲାଛୁଆ ନେଇ ରହିବା ବଡ଼ ବିପଜ୍ଜନକ ।

ବେଶ୍ ବୁଝିପାରିଲି, ଆଗରୁ ଯେଉଁ ଦୁର୍ଘଟଣାଟି ଘଟିଥିଲା ସେହି ଘଟଣାଟିକୁ ସେମାନେ ଆଜିଯାଏ ଭୁଲି ପାରିନାହାନ୍ତି । ଭଦ୍ରତା ରକ୍ଷାର୍ଥେ ପଦେ ଦିପଦ କଥା କହି ପ୍ରସଙ୍ଗ ଏଡ଼ାଇ ଦେବାକୁ ବାଧ୍ୟ ହେଲି ।

ଆହୁରି ଦିନ କେଇଟା କଟିଗଲା । ଦିନେ ସକାଳବେଳା ବାହାର ସଅପା ପାଖ ଘରେ ବସି ଖଣ୍ଡିଏ ବହି ପଢ଼ୁଛି, ପ୍ରଭାତର

ହାତ ଧରି ପାପୁ ଆସି ସମ୍ନାରେ ଠିଆ ହେଲା । ଆଉ ହାତଟିରେ ଗୁଡ଼ କପ୍‌ଟିକୁ ଧରିଥାଏ ପ୍ରତିମା । କପ୍‌ଟିକୁ ମୋ' ହାତକୁ ବଢ଼ାଇ ଦେଇ ପ୍ରତିମା କହିଲା—ଶୁଣୁଛ, ତୁମେ ବଙ୍ଗାଳକୁ ଯିବାପରେ ପାପୁ ଉପର ଘରକୁ ଯାଇ ଖେଳୁଥିଲା, ମୁଁ ତଳେ ବସି ପଢିବା ଚାହୁଁଥିଲି—କିଛି ସମୟପରେ ପାପୁ ତଳକୁ ଓହ୍ଲାଇଲା···ମୋର ଠିକ୍ ମନେହେଲା ଯେ ଟିଏ ଟ୍ରେନ୍ ଗାଡ଼ି ଯେପରି ଧୀରେ ଧୀରେ ପାପୁର ପଛେ ପଛେ ତଳକୁ ଓହ୍ଲାଉଛି । ଶବ୍ଦ ଶୁଣି ସିଡ଼ିଆଡ଼କୁ ଚାହିଁଲି, ମାତ୍ର କାହାକୁ ଦେଖିପାରିଲି ନାହିଁ । ପାପୁ ଆସି ମୋ ପାଖରେ ବସିଲା, ମନେ ହେଲା ପିଲାଟି ଯେପରି ଠିକ୍ ତାଙ୍କ ପାଖରେ ବସିଛି ।

—ଏଗୁଡ଼ାକ କଣ କହୁଛ ! ଏଠାକୁ ଆଉ କାହାର ପିଲା କିଏ ଆସିବ ? ଏସବୁ ତୁମର ମନର ଭ୍ରାନ୍ତି ଛଡ଼ା ଆଉ କିଛି ନୁହେଁ ।

—ତୁମେ ଘଟଣାଟିକୁ ହାଲୁକା କରି ଉଡ଼େଇ ଦେଉଛ । ମୁଁ ପରିଷ୍କାର ଭାବେ ଶୁଣିଛି—

—ପରିଷ୍କାରଭାବେ ଶୁଣିଛ, ଏହା ମୁଁ ଅବିଶ୍ୱାସ କରୁନାହିଁ । ମାତ୍ର ଶବ୍ଦଟି ଆଉ କାହାର ନୁହେଁ, ତୁମ ପୁଅର ଶବ୍ଦ । ବଡ଼ ଘର, ନୂଆ ରଙ୍ଗ ଦିଆହୋଇଛି, ତେଣୁ ପ୍ରତିଧ୍ୱନି ଯେ ଶୁଣାଯିବ ଏ ବିଷୟରେ ଆଉ ସନ୍ଦେହ କଣ ?—

—ବୋଧହୁଏ ତୁମ କଥା ଠିକ୍···କହି ସେ ଚୁପ୍‌ହୋଇ-ଥିଲା, ସ୍ପଷ୍ଟ ବୁଝିପାରିଲି ସେ ମୋ କଥାରେ ପ୍ରତିବାଦ ନକଲେ ସୁଦ୍ଧା ସନ୍ଦେହ ତାର ଦୂର ହୋଇନାହିଁ । କଥାଟିକୁ ଅଳ୍ପ ଟିକିଏ

ସରଳ କରାଇବା ଉଦ୍ଦେଶ୍ୟରେ କହିଲି—ନରହରି ପରି ତୁମେ କଣ ନିଶା ଅଭ୍ୟାସ କଲଣି ?—

—ତୁମର ସବୁଥିରେ ଥଟ୍ଟା…କହି ସେ ତରତର ହୋଇ ଚାଲିଗଲା ।

ଏହି ରସିକତାଟିକର ଉପଲବ୍ଧି କଲାଭଳି ମନର ଅବସ୍ଥା ସେତେବେଳେ ତାର ଯେ ନଥିଲା ଏହା ବୁଝିବାରେ ଅସୁବିଧା ହେଲାନାହିଁ । ଘଟଣାଟିକୁ ତୁଚ୍ଛ ମନେକରି ଉଡ଼ାଇଦେଲେ ସୁଦ୍ଧା କେଜାଣି ତାହାଙ୍କ ମନରେ ଭୟର ଛାୟା ଉଙ୍କି ମାରିଲା । ପ୍ରେତ-ତତ୍ତ୍ୱ ସମ୍ବନ୍ଧରେ ମୋର କୌଣସି ଧାରଣା ନାହିଁ । ଭୂତପ୍ରେତ ଅଛନ୍ତି ବୋଲି ମୁଁ ଆଦୌ ବିଶ୍ୱାସ କରେନା । ତେବେ ସୁଦ୍ଧା ତାହାଙ୍କ କେଜାଣି ପ୍ରତିମା ମୁହଁରୁ ଶୁଣି ସେହି ଅଦୃଶ୍ୟ ବାଳକର ପଦଶବ୍ଦ ଶୁଣିବା ପାଇଁ ଗୋପନରେ କାନ ପାତି ରହିଲି । ଦୁର୍ଭାଗ୍ୟ କି ସୌଭାଗ୍ୟ ଜାଣେନା, ମୁଁ ଆଦୌ କୌଣସି ଶବ୍ଦ ଶୁଣିପାରିଲି ନାହିଁ ।

ତାଜମହଲର ବାରଣ୍ଡାରେ ଆମର ଦୁଇ ଜଣୋଟି ପ୍ରାଣୀଙ୍କ ପାଇଁ ଷ୍ଟୋଭ ବାଲ୍‌ଟିରେ ତିଆରି ଉଠା-ଚୁଲିଟିରେ ରନ୍ଧା ବଢ଼ା ହୁଏ । ରାତିର ରନ୍ଧା ଉପରବେଳା ୪ଟାରେ ଶେଷ କରି ଝିପୁକୁ ନେଇ ଆମେ ବୁଲିବାକୁ ଯାଉ । କେବେ କେବେ ଏସ୍-ଡି-ଓ ସାହେବ ଓ ଓଭରସିୟର ବାବୁଙ୍କର ପିଲା-ପିଲିମାନେ ଆମଘରକୁ

ବୁଲିବାକୁ ଆସନ୍ତି, ସେଦିନ ଆମେ ଆଉ ବାହାରକୁ ଯାଇ ପାରୁନା —ଗପ, ଜଳଖିଆ ଓ କଥାବାର୍ତ୍ତା କରୁ କରୁ ସମୟ କଟିଯାଏ···

ସେଦିନ ଓପରବେଳା ବାହାରକୁ ବାହାରିବା ପାଇଁ ପ୍ରସ୍ତୁତ ହେଉଛୁ ଏତିକିବେଳେ ଦୋଳ ଗୋବିନ୍ଦବାବୁ ପିଲିପିଲିଙ୍କୁ ସାଙ୍ଗରେ ନେଇ ଉପସ୍ଥିତ ହେଲେ । ଆମେ ଆଉ ବାହାରି ପାରିଲୁ ନାହିଁ । ଦୋଳ ଗୋବିନ୍ଦବାବୁ ଜଣେ ମସ୍ତବଡ଼ ବ୍ୟବସାୟୀଙ୍କ ନିକଟରେ କିରାଣୀ କାମ କରନ୍ତି । ବାୟୁ ପରିବର୍ତ୍ତନ ହେତୁ ଅସୁସ୍ଥା ସ୍ତ୍ରୀକୁ ନେଇ ଏଠାକୁ ଆସିଛନ୍ତି ।

ନାନାଦି କଥାବାର୍ତ୍ତା ପରେ ରାତି ଆଠଟାବେଳେ ସେ ବିଦାୟ ନେଲେ । ସେମାନେ ଗଲାପରେ ପ୍ରତିମା ଘର ଭିତରେ କଣ କାମରେ ଲାଗିପଡ଼ିଲା । ନଇଁହର ଗୀତ ଶୁଣିବା ପାଇଁ ବାହାରକୁ ଯାଇଥାଏ, ପାପୁ ଶୋଇଥାଏ ଉପର ମହଲରେ । ମୁଁ ଆଉ ଏକୁଟିଆ କଣ କରିବି, ସେଦିନର ଖବରକାଗଜଟିକୁ ଅଧା ପଢ଼ିଥିଲି—ତାଙ୍କୁ ଅଧିକ ନେଇ ବସିଲି ଶେଷ କରିବା ପାଇଁ ।

କିଛି ସମୟ ପରେ ପାପୁର କଣ୍ଠସ୍ୱର ଶୁଣିପାରି ଭିତର ବାରଣ୍ଡାକୁ ଆସି ଦେଖିଲି ସେ ଉପରୁ ଧୀରେ ଧୀରେ ତଳକୁ ଓହ୍ଲାଉଛି । ତାର ମୁହଁ ଦେଖି ମନେହେଲା ସେ ଯେପରି ଆଦୌ ଶୋଇନଥିଲା ।

ସସ୍ନେହ କଣ୍ଠରେ ପ୍ରତିମା କହିଲା—ଉପରେତ ଶୋଇଥିଲୁ, କାହିଁକି ଫେର୍ ଅନ୍ଧାରରେ ତଳକୁ ଓହ୍ଲାଇ ଆସିଲୁ ?—

—ମୋତେ ତୁମେ ଡାକିଲ ପରା !···କହୁକହୁ ତରତର ହୋଇ ଓହ୍ଲାଇ ଆସି ପ୍ରତିମାକୁ ଜାବୁଡ଼ି ଧରି ଶିଶୁ-ସୁଲଭ କଣ୍ଠରେ କହିଲା—ମୁଁ ତା ସାଙ୍ଗରେ ଖେଳିବି, ବୋଉ ?

ଆଶ୍ଚର୍ଯ୍ୟ ହୋଇ ପଚ଼ାରିଲି—କା ସଙ୍ଗରେ ଖେଳିବୁ ?

—ସେଇ, ବୋଉ ଡାକୁଛି ବୋଲି ଯିଏ ମୋତେ କହିଲା ।

ଗମ୍ଭୀର କଣ୍ଠସ୍ୱରରେ ପ୍ରତିମା ମୋ ମୁହଁକୁ ଓ ମୁଁ ପ୍ରତିମା ମୁହଁକୁ ଚାହିଁଲି । ପ୍ରତିମାର ହଠାତ୍ ମନେ ପଡ଼ି ଯିବାରୁ କହିଲା—ତେବେ କଣ ଦୋଳଗୋବିନ୍ଦ ବାବୁଙ୍କ ପୁଅ ନବ କିଶୋର ଘରକୁ ଯାଇ ନାହିଁ ? କେଉଁଠି ଦୁଷ୍ଟ ପିଲା ଦେଖୁଛ ? ପେର୍ ସେମାନେ ତାକୁ ନେବା ପାଇଁ ଦଉଡ଼ିବେ । ଯାଏ ଦେଖେ—

ପ୍ରତିମା ଉପରକୁ ଉଠିବାକୁ ଲାଗିଲା । ଦୀପୁକୁ କାଖେଇ ମୁଁ ମଧ୍ୟ ପଛେ ପଛେ ଗଲି । ଆମକୁ ଉପରକୁ ଉଠିବା ଦେଖି ଗ୍ରେଷ୍ଠ ଗ୍ରେଷ୍ଠ ପିଲାଙ୍କ ପରି ଦୁଷ୍ଟାମିର ହସ ହସି କିଏ ଯେପରି ଭିତର ଆଡ଼କୁ ଦଉଡ଼ି ଗଲା । ଡାକିଲି ନବ, ନବକିଶୋର···

ପ୍ରତିମା ମଧ୍ୟ ଡାକିବାକୁ ଲାଗିଲା—ମୋ ପାଖକୁ ଆ, ନବ ! ତୁ ଲୁଚିଆଡ଼ି, ତେଣେ ତୋର ବାପା ବୋଉ ଆଜି ଖୋଜି ହଇରାଣ ହେଉଛନ୍ତି ।···

କିନ୍ତୁ ନବକୁ ଆମେ ଦେଖି ପାରିଲୁ ନାହିଁ । କେବଳ ତାର ହସ, ଏଣେ ତେଣେ ଲୁଚିବାର ଶବ୍ଦ ଓ ପରେ ପରେ ଟେବୁଲ ଉପରୁ କାଚ ଗିଲାସଟା ତଳେ ପଡ଼ିଯାଇ ଅଭୁତ ଶବ୍ଦ ହେବା ସଙ୍ଗେ ସଙ୍ଗେ ଆମେ ଦୁହେଁ ବିସ୍ମୟରେ ଅଭିଭୂତ ହୋଇ ପଡ଼ିଲୁ ।

—ଦେଖ, ସବୁ ସେ ଗୋଟି ଗୋଟି କରି ଏମିତ ଖଣ୍ଡିକ-ତକାର କରି କହିଲା ପ୍ରତିମା ।

ଆଶ୍ଚର୍ଯ୍ୟ । ଘରର ଚାରିଆଡେ ପୁଙ୍ଖାନୁପୁଙ୍ଖ ଭାବେ ଅନୁସନ୍ଧାନ କରି ସୁଦ୍ଧା ଆମେ କାହାରିକୁ ଦେଖି ପାରିଲୁ ନାହିଁ । ଲଣ୍ଠନର

ଆଲୋକରେ ଗିଲସ ଭଙ୍ଗା କାଚ ଗୁଣ୍ଡକ ଚକ୍ ଚକ୍ ଦେଖାଯିବା ଛଡ଼ା ଆଉ କିଛି ଆଖିକୁ ଦେଖାଗଲା ନାହିଁ...

ଜୀବନରେ ବୋଧହୁଏ ଏପରି ଆଶ୍ଚର୍ଯ୍ୟାନ୍ୱିତ ମୁଁ କେବେହେଲେ ଅନୁଭବ କରିନାହିଁ । ବେଶ୍ ମନେଅଛି, ଏସବୁ ଦେଖି କେତେଟା ମୁହୂର୍ତ୍ତ ଆମେ ନୀରବରେ ଠିଆହେଲୁ । ଏକବାରେ ସ୍ତମ୍ଭିତ, ହଲ୍ ଚଲ୍ ହେବାର କ୍ଷମତା ଯେପରି ଆମ୍ଭମାନଙ୍କର ଲୋପ ପାଇଛି । ଆମର ଗୋଡ଼ ଦୁଇଟିକୁ କିଏ ଯେପରି କଣ୍ଟା ଦେଇ ଭଳେ ଶକ୍ତ ଭାବେ ଠିଆ କରାଇ ଦେଇଛି ।

ପ୍ରେତ-ତନ୍ତ୍ରପ୍ରତି ଅବିଶ୍ୱାସ ଥିବା ହେତୁ ସେଦିନ ନରହରିର କଥାକୁ ବିଶ୍ୱାସ କରି ନଥିଲି । ପ୍ରଥମଦିନ କାନ୍ଦଣା ଶୁଣି ସେ ଯେତେବେଳେ ଆସି ଡାକ ପକାଇ ଥିଲା, ନିଶା ଜୋରରେ ସେ ଏଣୁ ତେଣୁ ବକୁଛି ବୋଲି ଘଟଣାକୁ ହସରେ ଉଡ଼େଇ ଦେଇଥିଲି । ପ୍ରତିମା ଗୋଡର ଶବ୍ଦ ଶୁଣି ପାରିଛି ବୋଲି କହୁଥିବା ବେଳେ ରସିକତା କରି ତା ମନରୁ ଅକାରଣ ସନ୍ଦେହ ଦୂର କରିବା ଲାଗି ଚେଷ୍ଟା କରିଥିଲି । ଆଉ ଆଜି, ନିଜ କାନରେ ଶୁଣି ଓ ଆଖିରେ ଦେଖି କିପରି ଅବିଶ୍ୱାସ କରିବି ? ସ୍ୱକର୍ଣ୍ଣରେ ଶୁଣୁଛି-ଶିଶୁର ଶିଶୁ ସୁଲଭ ହସ, ନୃତ୍ୟପରାୟଣର ଶବ୍ଦ, ଆଘାତ ଲାଗି ଗିଲାସଟି ତଳେ ପଡ଼ି ଶତଖଣ୍ଡ ହେବାର ଦୃଶ୍ୟକୁ କି ଯୁକ୍ତି ଦର୍ଶାଇ ଖଣ୍ଡନ କରିବି ?

କୌଣସି ପ୍ରକାରେ ରାତିଟା କଟାଇ, ସ୍ଥିର କଲି ପରଦିନ ଏଠାରୁ କିପରି ପଳାଇଯିବାକୁ ହେବ । ଏସ-ଡ଼ି-ଓ, ଓଭରସିଅର-ବାବୁ ସମସ୍ତେ ଏଠାରୁ ଗୁଡ଼ିବା ପାଇଁ ଉପଦେଶ ଦେଲେ, କିନ୍ତୁ ଆଉ ବୋଧହୁଏ କାହିଁ କିଛି ଘଟିବାର ଥିଲା ।

ପ୍ରତିମା ଜିଦ୍ ଧରି ବସିଲା ଦିନ ସାଙ୍ଗରେ ଗାଁକୁ ଫେରି ଯିବା ପାଇଁ । ବାପୁ ଚକ୍ରବର୍ତ୍ତୀଙ୍କ ଖବ୍ ହେଲା — ଗାଁର ଅନ୍ଧକୂପ ପରି

କୋଠରୀରେ ଥାଇ ସେ ମନ୍ତ୍ରୀଙ୍କୁ ପ୍ରସ୍ତୁତ, ଦୀପୁର ସାଗ୍ୟରେ ଥିଲେ ସେ ଭଲ ହେବ, ତା' ବୋଲି ଏପରି ସ୍ଥାନରେ ରହି ଅପଘାତରେ ମରିବା ଅତି ପୀଡ଼ା ଦାୟକ । ବିଶେଷତଃ ଦୀପକୁ ସେହି ଅଶରୀରୀ ଗ୍ରସ୍ତା ପରି ସବୁବେଳେ ଅନୁସରଣ କରୁଛି ଯେତେବେଳେ···

କେତେ ଦୁଃଖରେ ଯେ ପ୍ରତିମା ଏକଥା କହୁଛି ତାହା ବୁଝିବାରେ ଡେରି ହେଲ ନାହିଁ । ଭୟ ଓ ଦୁଃଶ୍ଚିନ୍ତା ଯୋଗୁଁ ଗୋଟାଏ ରାତି ଭିତରେ ମୁହଁଟି ତାର ଶୁଖି ଏତେ ଟିକିଏ ହୋଇ ଯାଇଛି, ବୟସ ଯେପରି ଦଶବର୍ଷ ବଢ଼ି ଯାଇଛି ବୋଲି ମନେହୁଏ ।

କହିଲି—ଆଚ୍ଛା, ମୁଁ ନରେନ୍ଦ୍ର ପାଖକୁ 'ତାର' କରୁଛି । ସେ ଆସିଲେ ଯାହା ଗୋଟାଏ ବନ୍ଦୋବସ୍ତ କରିବା । "ତାର" ପାଇବା ସାଙ୍ଗେ ସାଙ୍ଗେ ସେ ନିଶ୍ଚୟ ଆସି ପହଞ୍ଚିବ ।

ନରେନ୍ଦ୍ର ଅର୍ଥାତ ମୋର ବନ୍ଧୁ, ଯିଏ ଏହି ଘରଟିକୁ ଠିକ୍ କରି ଦେଇଥିଲେ । ସତକୁ ସତ "ତାର" ପାଇବା ସଙ୍ଗେ ସଙ୍ଗେ ସେ ବାହାରିଛନ୍ତି ଏବଂ ସନ୍ଧ୍ୟା ପୂର୍ବରୁ ସେ ଆସି ପହଞ୍ଚିଲେ । ନରହରିକୁ ଆଗରୁ ଷ୍ଟେସନକୁ ପଠାଇଥିଲି । ଘରେ ପହଞ୍ଚି ସବୁ ଶୁଣି ସେ କହିଲେ—ବିଂଶ ଶତାବ୍ଦୀର ଶିକ୍ଷିତ ଯୁବକ, ସେ ପୁଣି ଏ ସବୁ ବିଶ୍ୱାସ କରିବ ବୋଲି ମୋର ଧାରଣା ନଥିଲା—

ଆତ୍ମ ପକ୍ଷ ସମର୍ଥନ ଲାଗି କହିଲି—ମୁଁ କଣ ଏସବୁ ବିଶ୍ୱାସ କରେ ? ତୁମେ ତ' ମୋତେ ଭଲକରି ଜାଣ—

ମୋ କଥାରେ ବାଧା ଦେଇ ନରେନ୍ଦ୍ର କହିଲେ—ଜାଣେ ଅବଶ୍ୟ ! ବର୍ତ୍ତମାନ ଦେଖୁଛି ନୂଆ-ବୋଉଟି ତମର ମୁଣ୍ଡଟାକୁ ବିଗାଡ଼ି ଦେଇଛନ୍ତି···ପ୍ରତିମା ଆଡ଼େ ଚାହିଁ ପରିହାସ ଛଳରେ କହିଲେ—ଏକଥା କି ମିଛ କୁହେଁ, ନୂଆ ବୋଉ ?—

୮

ବୃଥାରେ ମୋତେ ଦୋଷୀ କରୁଛ ! ମୁଁ କି କେବେ ଭୂତ ପ୍ରେତ ଅଛି ବୋଲି ମାନେ ? ଏସବୁ ମାନୁଥିଲେ ଆଗରୁ ତୁମ ମୁହଁରୁ ଶୁଣି ସୁଦ୍ଧା ଏ ଘରକୁ କାହିଁକି ଆସନ୍ତି ?...ପ୍ରତିମା କୃତ୍ରିମ କ୍ରୋଧ ପ୍ରକାଶ କରି ଆମ ପାଇଁ ଚା' ତିଆରି କରିବାକୁ ଭିତରକୁ ଗଲା । ଆମେ ବସି ଗଳ୍ପ ଆରମ୍ଭ କଲୁ ।

ଖିଆ ପିଆ ଶେଷ ହେବାପରେ ନରହରି ପ୍ରଥମକରି ଯେଉଁ ଘରେ ଶୋଇଥିଲା ନରେନ୍ଦ୍ର, ସେହି ଘରଟିରେ ଶୋଇବେ ବୋଲି କହିଲେ । ଆମେ ତିନୋଟି ପ୍ରାଣୀ ତଳ କକ୍ଷରେ ଶୋଇଲୁ —ମଝିରେ ଶୋଇଥାଏ ଦୀପୁ, ଆମେ ସ୍ୱାମୀ ସ୍ତ୍ରୀ ତାର ଦୁଇ କଡ଼ରେ ଶୋଇଲୁ । ଉପର ଘରେ ଶୋଇଲେ ନରେନ୍ଦ୍ର ଓ ନରହରି ।

ଅଧଘଣ୍ଟା ପରେ ଭୟଙ୍କର ବୃଷ୍ଟି ଆରମ୍ଭ ହେଲା । ଝଡ଼ର ଗର୍ଜନ ବିଦ୍ୟୁତର ଝଲକ କାନକୁ ବଧୀର କଲା ଭଳି ମନେହେଲା । ଏତେ ଉପଦ୍ରବ ସତ୍ତ୍ୱେ କେତେବେଳେ ଯେ ଆମକୁ ନିଦ ଲାଗି ଯାଇଛି ତାହା ଜାଣି ପାରିଲୁ ନାହିଁ ।

ହଠାତ୍ ଦୀପୁର ଚିତ୍କାର ଶୁଣି ନିଦ ଭାଙ୍ଗିଗଲା । ପ୍ରତିମା ମଧ୍ୟ ଉଠିଲା । ବିଦ୍ୟୁତର ଝଲକରେ ହଠାତ୍ ମୋର ଦୃଷ୍ଟି ପଡ଼ିଲା ଦୁଆର ମୁହଁ ଆଡ଼େ । କବାଟ ଦୁଇଟି ଖୋଲା ରହିଛି । ବୃଷ୍ଟିର ଛାଟ ଆସି ପଡ଼ୁଛି ଘରଟି ଭିତରେ ।

ତକିଆ ତଳୁ ଟର୍ଚ୍ଚ ବାହାର କରି ଟିପିଲି ।

ଦୀପୁ କଇଁ କଇଁ ହୋଇ କାନ୍ଦୁଥାଏ, ଡାହାଣ ହାତଟିରେ ଗଳାକୁ ଆଉଁସୁଥାଏ ।

ପ୍ରତିମା ସସ୍ନେହରେ ପଚାରୁଥାଏ—କଣ ହେଲା ବାବା... କାହିଁକି କାନ୍ଦୁଛୁ ?...

ଦୀପୁ କିଛି କହିପାରୁ ନଥାଏ, କ୍ରମାଗତ ଡାହାଣ ହାତଟିରେ ଆଉଁସୁଥାଏ ବେକକୁ ।

ପ୍ରତିମାକୁ ଲଣ୍ଠନ ଜଳାଇବାଲାଗି କହି ମୁଁ ଟର୍ଚ୍ଚ ଆଲୋକରେ ଦୀପୁର ଗଳାକୁ ଭଲଭାବେ ଲକ୍ଷ୍ୟ କରି ଦେଖିଲି । ଗଳାରେ ତାର ପାଞ୍ଚୋଟି ଆଙ୍ଗୁଳିର ଚିହ୍ନ । ନିଜର ଅଜ୍ଞାତରେ ନିଜେ ଚମକି ପଡ଼ିଲି । ପ୍ରତିମାର ଦୃଷ୍ଟି ପଡ଼ିବା ମାତ୍ରେ ଅଶ୍ରୁରୁଦ୍ଧ କଣ୍ଠରେ ସେ କହିଲା—ମୋ ପୁଅର ଗଳାଟିପି ମାରିବାକୁ ବସିଥିଲା ।

ଆମର ଚିତ୍କାର ଶୁଣି ନରେନ୍ଦ୍ର ଉପରୁ ଓହ୍ଲାଇ ଆସି ଆମ ପାଖରେ ଠିଆହେଲେ । ବ୍ୟଗ୍ର କଣ୍ଠରେ ପଚାରିଲେ—କଣ ହୋଇଛି ତୁମ୍ଭେମାନେ ଏମିତି ଚିତ୍କାର କରୁଛ କାହିଁକି ?

—ଏଠି ଆସି ଦେଖିଯାଅନ୍ତୁ...କହି ଦୀପୁର ଗଳାରେ ପଡ଼ିଥିବା ଆଙ୍ଗୁଳିର ଦାଗ ଗୁଡ଼ିକ ଦେଖିବା ପାଇଁ ନରେନ୍ଦ୍ରକୁ ଇଙ୍ଗିତ କଲା ପ୍ରତିମା ।

ଦୀପୁର ଗଳାରେ ପାଞ୍ଚଆଙ୍ଗୁଳିର ଦାଗ ଦେଖି ସେ ମଧ୍ୟ ଆର୍ତ୍ତନାଦ କରି ଉଠିଲେ । କିପରି ଏହା ଘଟିଲା ନରେନ୍ଦ୍ର ବୋଧହୁଏ ଏଇକଥା ଚିନ୍ତା କରୁଥିଲେ । ପ୍ରତିମା ଆଉ ଧୈର୍ଯ୍ୟ ଧରି ରହିପାରିଲା ନାହିଁ । ଅଶ୍ରୁରୁଦ୍ଧ କଣ୍ଠରେ କହିଲା—ନା, ଆଉ ନୁହେଁ ...ସାଙ୍ଗେ ସାଙ୍ଗେ ଏ ଘର ଛାଡ଼...କହି ସେ ଦୀପୁକୁ କୋଳକୁ ନେଇ ନିଜେ ମଧ୍ୟ କାନ୍ଦିବାକୁ ଲାଗିଲା ।

ନରେନ୍ଦ୍ର କାଠ ପରି ଠିଆ ହୋଇଥାନ୍ତି । ଏସବୁ ଘଟଣା ଦେଖି ସେ ଯେପରି ବୋକା ପାଲଟି ଯାଇଛନ୍ତି । ପ୍ରତିମାର କାନ୍ଦଣା ଦେଖି ମୁଁ ସାନ୍ତ୍ୱନା ଦେଇ କହିଲି—ବର୍ଷା ଛାଡ଼ୁ ଯାଉ, ଏଠୁ ସବୁ ବାହାରିଯିବା ! ଆଉ ଏଠି ରହିବା ଆଦୌ ଉଚିତ ନୁହେଁ । ରାତି ପାହିବା ଯାଏ ଏହିପରି ଜଗି ରହିବାକୁ ହେବ...

କେତେବେଳଯାଏ ଦୀପୁକୁ ଆଉଁସା-ଆଉଁସି କରିବାପରେ ସେ ଉତ୍ତର ଦେଲା ଯେ ବେକଟା ଭୀଷଣ ଦରଜ ଲାଗୁଛି...

ଭୂତପ୍ରେତରେ-ଅବିଶ୍ୱାସୀ ନରେନ୍ଦ୍ର ସ୍ତମ୍ଭିତ ହୋଇ ଛିଡ଼ା ହୋଇଥିଲେ । ତାଙ୍କୁ ଉଦ୍ଦେଶ୍ୟ କରି କହିଲି, ଦୀପୁର ଚିତ୍କାରରେ ନିଦ ଭାଙ୍ଗିବା ମାତ୍ରେ ଦେଖିଲି ଘରର କବାଟ ଦୁଇଟି ମେଲା ହୋଇଛି, ଆଉ ଦୀପୁ ଭୀଷଣ ଚିତ୍କାର କରି…

ଭ୍ରୂ-କୁଞ୍ଚିତ କରି ନରେନ୍ଦ୍ର କହିଲେ—କବାଟ ଖୋଲା ହୋଇଥିଲା ? ଠିକ୍ ମନେ ଅଛି ଶୋଇବା ପୂର୍ବରୁ ତୁମ୍ଭେମାନେ କବାଟ ବନ୍ଦ କରି ଦେଇଥିଲ ?

—ନିଶ୍ଚୟ, ମୁଁ ନିଜେ ବନ୍ଦ କରିଥିଲି…

ନରହରି ଆଉ ଲଣ୍ଠନଟିକୁ ଜଳାଇଦେବା ମାତ୍ରେ ଉଜ୍ଜ୍ୱଳ ଆଲୋକରେ ଯାହା ଦେଖିଲି, ନିଜର ଚକ୍ଷୁକୁ ସୁଦ୍ଧା ପ୍ରଥମେ ବିଶ୍ୱାସ କରି ପାରିଲି ନାହିଁ । ମୋର ଦୃଷ୍ଟିକୁ ଅନୁସରଣ କରି ସମସ୍ତଙ୍କର ଦୃଷ୍ଟି ମଧ୍ୟ ସେହି ସ୍ଥାନଟି ଉପରେ ନିବଦ୍ଧ ହେଲା । ତଳେ ପରିଷ୍କାର ଫୁଟି ଉଠିଥାଏ ଗୋଟିଏ ଛୋଟ ପିଲାର ଓଦା ଗୋଡ଼ର ଚିହ୍ନ । ଖଟ ତଳୁ ଆରମ୍ଭ କରି ଦୁଆରର ଶେଷସୀମାରେ ତାହା ମିଳାଇ ଯାଇଛି । ଏସବୁ ଦେଖି ପ୍ରତିମା ଭୟପାଇ ଆହୁରି ନିବିଡ଼ଭାବେ ଦୀପୁକୁ ନିଜ କୋଳରେ ଜାବୁଡ଼ି ଧରିଲା ।

ଝଡ଼-ବୃଷ୍ଟିର ରାତି ସେତେବେଳେ ପ୍ରବଳ ଗର୍ଜନରେ ଗର୍ଜି ବାକୁ ଲାଗିଥାଏ—

ଦୀପୁ ବର୍ତ୍ତମାନ ସୁସ୍ଥ ହୋଇ ଉଠିଛି, ପରିବାରରେ ଶାନ୍ତି ମଧ୍ୟ ଆସିଛି । ପ୍ରତିମା ଆଜି ଗୋଟିଏ ଉପହାର ଦେବାଲାଗି ପ୍ରସ୍ତୁତ ହେଉଛି । ଏଥର ଯେଉଁଠାକୁ ବଦଳି ହୋଇ ଆସିଛି ସେଠାରେ

ନହେଲେ ସୁଦ୍ଧା ସବୁପ୍ରକାର ସୁବିଧା ଏଠାରେ ଅଛି । ଦୋକାନ, ହୋଟେଲ୍, ସିନେମା, ଡାକ୍ତରଖାନା ସବୁ ପାଖରେ ଅଛି, ବ୍ୟବସ୍ଥା ମଧ୍ୟ ମନ୍ଦ ନୁହେଁ । ଏଠାରେ ମୋତେ ସମସ୍ତେ ଟିକିଏ ସମ୍ମାନ କରି ଚାଲନ୍ତି, ଖାତିର ମଧ୍ୟ କରନ୍ତି ଯଥେଷ୍ଟ । କେବେ କେବେ ଜଟିଳ ଗଣ୍ଡଗୋଳ ସମାଧାନ କରିବାକୁ ପଡ଼େ; ମୋତେ ଉପରେ ମୋର ସୁଖ୍ୟାତି ସହଜରେ ଭିତରେ ଖେଳି ଯାଉଛି ।

କେବେ କେବେ ମନେ ପଡ଼େ ସେହି ଅଭିଶପ୍ତ ଘରଟି କଥା । "ସ୍ୱପ୍ନଶ୍ରୀ"ର ରହସ୍ୟଘନ ସମସ୍ୟାର ସମାଧାନ ଆଜିପର୍ଯ୍ୟନ୍ତ ହୋଇ ପାରିନାହିଁ ।

ନରେନ୍ଦ୍ରର ମତରେ ଆମେ ଶୋଇଥିବା ଅବସ୍ଥାରେ ବୋଧେ ତାହାର ହାତ ଅଜାଣତରେ ଦୀପ୍ତିର ବେକ ଉପରେ ପଡ଼ି ଯାଇ ଥିଲା, ତେଣୁ ସେ ଚିତ୍କାର କରି ଉଠିଥିଲା ।

ଏହା ଯଦି ସତ୍ୟ ହୁଏ ତାହାହେଲେ ଘୋଡ଼ର ଦାଗ ଆସିଲା କେଉଁଠୁ ? ପ୍ରୌଢ ପିଲାର ଗୋଡ଼ଚିହ୍ନ' ସେ ତ ଆଉ ଦୀପ୍ତିରନୁହେଁ ।

ନରେନ୍ଦ୍ର ଏ ପ୍ରଶ୍ନର କୌଣସି ସଦୁତ୍ତର ଦେଇପାରିଲେନାହିଁ ।

ଜନେ ସମ୍ବାଦ ପାଇଲି, ଆମେ ଆସିବା ପରେ "ସ୍ୱପ୍ନଶ୍ରୀ"ରେ ରହିବାଲାଗି ଅନ୍ୟ କେହି ଭଡ଼ାଟିଆ ଆସି ନାହାନ୍ତି । ବ୍ରଜଶଙ୍କର ବାବୁ ଲୋକ ଲଗାଇ ଘରଟିକୁ ଭଙ୍ଗା ଭଙ୍ଗି କରୁଛନ୍ତି । ତାଙ୍କର ଉଦ୍ଦେଶ୍ୟ—ସେଠାରେ ସେ ଗୋଟିଏ କାରଖାନା କରାଇବେ ।